ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୭୬
୩ ଡିସେମ୍ବର, ୨୦୨୫ ବୁଧବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 176
3rd December, 2025 Wednesday
Bhubaneswar

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

ସୁହୃଦାଂ ହିତକାମାନଂ ଯଃ ଶୃଣୋତି ନ ଭାଷିତମ୍
ବିପଦ୍ ସନ୍ନିହିତା ତସ୍ୟ ସ ନରଃ ଶତ୍ରୁନନ୍ଦନଃ

ସଂକୀର୍ଣ୍ଣମନା ବ୍ୟକ୍ତି ନିଜ ଓ ପର ମଧ୍ୟରେ ପ୍ରଭେଦ ବିଚାର କରେ, କିନ୍ତୁ ଉଦାରଚେତା ବ୍ୟକ୍ତି ସମଗ୍ର ବସୁଧାର ବ୍ୟକ୍ତିଙ୍କୁ ନିଜର ପରିବାର ଭଳି ମନେକରେ

# ଏପ୍ରିଲରୁ ଦୁଇ ପର୍ଯ୍ୟାୟରେ ଜନଗଣନା

**ନୂଆଦିଲ୍ଲୀ,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ମଙ୍ଗଳବାର ଦିନ ସରକାର ଲୋକସଭାରେ ସୂଚନା ଦେଇଛନ୍ତି ଯେ ୨୦୨୭ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଫେବୃଆରୀ ୨୦୨୭ରେ ଅନୁଷ୍ଠିତ ହେବ। କଂଗ୍ରେସ ସାଂସଦ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି କାର୍ଯ୍ୟର ବିସ୍ତୃତ ବିବରଣୀ ପ୍ରଦାନ କରି ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି ଯେ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ସେ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଏବଂ ଗୃହ ଗଣନା ଅନ୍ତର୍ଭୁକ୍ତ ହେବ, ତା'ପରେ ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା କରାଯିବ।

ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଜନଗଣନା ଫେବୃଆରୀ ୨୦୨୭ରେ କରାଯିବ, ଯାହାକି ୧ ମାର୍ଚ୍ଚ ୨୦୨୭ ମଧ୍ୟରାତ୍ରୀରେ ସରିବ। କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ ଓ କାଶ୍ମୀର ଏବଂ ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡର ବରଫ ଆଚ୍ଛାଦିତ ଦୁର୍ଗମ ଅଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳଗୁଡ଼ିକରେ ଗଣନା ସେପ୍ଟେମ୍ବର ୨୦୨୬ ରେ କରାଯିବ ଏବଂ ଏହାର ୧ ଅକ୍ଟୋବର ୨୦୨୬ ମଧ୍ୟରାତ୍ର ପର୍ଯ୍ୟନ୍ତ କରାଯିବ।

ମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ ଜନଗଣନା ପ୍ରକ୍ରିୟା ପୂର୍ବରୁ, ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ସଂଗଠନ ଏବଂ ଜନଗଣନା ତଥ୍ୟ ବ୍ୟବହାରକାରୀଙ୍କଠାରୁ ପ୍ରାପ୍ତ ସୂଚନା ଏବଂ ପରାମର୍ଶ ଆଧାରରେ ଜନଗଣନା ପ୍ରଶ୍ନାବଳୀ ଚୂଡ଼ାନ୍ତ କରାଯାଏ। ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଜନଗଣନାର ୧୫୦ ବର୍ଷରୁ ଅଧିକ ଇତିହାସ ରହିଛି ଏବଂ ପ୍ରତ୍ୟେକ ଜନଗଣନା ପୂର୍ବ ଜନଗଣନାର ଅଭିଜ୍ଞତାକୁ ବିଚାରକୁ ନେଇଥାଏ।

ଏକ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷ ଏପ୍ରିଲ ୩୦ ତାରିଖରେ ରାଜନୈତିକ ବ୍ୟାପାର କ୍ୟାବିନେଟ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, (ଶେଷ ପୃଷ୍ଠା ଦେଖନ୍ତୁ)

# କୋଟିଏ ଦିଅ ୧୧ ହଜାର ଭୋଟ ଦେବି

**ମୁମ୍ବାଇ,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**




ଡିସେମ୍ବର ୨ରେ ହୋଇଥିବା ମହାରାଷ୍ଟ୍ରର ଚାନ୍ଦୱାଡ ପୌର ପରିଷଦ ନିର୍ବାଚନର କିଛି ଘଣ୍ଟା ପୂର୍ବରୁ ଏକ ଅଡିଓ କ୍ଲିପ୍ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିଲା। ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଥିବା ଏହି କ୍ଲିପ୍‌ରେ କୁହାଯାଇଥିଲା, 'ଆମେ ଇଭିଏମ୍ ମେସିନ୍ ଅପରେଟରଙ୍କ ସହ କଥା ହୋଇଛୁ। ଆମକୁ କୋଟିଏ ଟଙ୍କା ଦିଅ ଏବଂ ଆମେ ତୁମକୁ ୧୧,୨୫୦ ଭୋଟ ଦେବୁ।

ଏହି ଆଶ୍ଚର୍ଯ୍ୟଜନକ 'ଅଫର୍' ଚାନ୍ଦୱାଡର ରାଜନୈତିକ ପରିବେଶକୁ ସମ୍ପୂର୍ଣ୍ଣ ଉଷ୍ମ କରିଦେଇଛି। ମେୟର ପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ରାକେଶ ଆହିରେ ଏହି ଗମ୍ଭୀର ଘଟଣାର ପର୍ଦ୍ଦାଫାସ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଶକ୍ତି ବିଳାସ ଧୋମସେ ନାମକ ଜଣେ ବ୍ୟକ୍ତି ତାଙ୍କୁ ଫୋନ୍ କରି ଟଙ୍କା ବିନିମୟରେ ଭୋଟ ଦେବା ପାଇଁ ଇଭିଏମ୍‌ରେ ହେରଫେର କରିବାକୁ ପ୍ରସ୍ତାବ ଦେଇଥିଲେ।

## ଇଭିଏମ ଡିଲ୍‌ର ଅଡିଓ କ୍ଲିପ୍ ଭାଇରାଲ

ରାକେଶ ଆହିରେ ତୁରନ୍ତ ପୁଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରିଥିଲେ। ଅଡିଓ କ୍ଲିପ୍ ଭାଇରାଲ ହେବା ପରେ, ପୁଲିସ ଏବେ ତଦନ୍ତ ଆରମ୍ଭ କରିଛି, ଏବଂ ଚାନ୍ଦୱାଡରେ ନିର୍ବାଚନୀ ଉଷ୍ମତା ମଧ୍ୟରେ ଏହି ନୂତନ ବିବାଦ ଶିରୋନାମା ପାଲଟିଛି।

ଏହି ଭାଇରାଲ୍ ବାର୍ତ୍ତାଳାପରେ ଶକ୍ତି ବିଳାସ ଧୋମସେ ଏକ ଆଶ୍ଚର୍ଯ୍ୟଜନକ ଦାବି କରିଥିଲେ। ସେ କହିଥିଲେ ଯେ, ବିଜେପିର ମେୟର ପ୍ରାର୍ଥୀ ବୈଭବ ବାଗୁଲ ନିର୍ବାଚନରେ ଠିକ୍ ୧୩,୬୪୨ ଭୋଟ ପାଇବେ। ଏହି ସଂଖ୍ୟା ଏତେ ସଠିକ ଥିଲା ଯେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି।

ଯେତେବେଳେ ରାକେଶ ଆହିରେ ସନ୍ଦେହ ପ୍ରକାଶ କଲେ, ଧୋମସେ ଉତ୍ତର ଦେଲେ, 'ଆମେ ପୂର୍ବରୁ ଋଠଗ ଅପରେଟରମାନଙ୍କ ସହିତ କଥା ହୋଇସାରିଛୁ, ତେଣୁ ଗଣନା ସମ୍ପୂର୍ଣ୍ଣ ସଠିକ।' ଏହି ସମ୍ପୂର୍ଣ୍ଣ ଆଲୋଚନା ଅଡିଓ କ୍ଲିପରେ ସ୍ପଷ୍ଟ ଭାବରେ ଶୁଣିବାକୁ ମିଳୁଛି, ଯାହା ଚାନ୍ଦୱାଡ ପୌର ପରିଷଦ ନିର୍ବାଚନରେ ଇଭିଏମ୍ ହ୍ୟାକିଂ ଏବଂ ଭୋଟ ଫିକ୍ସିଂର ଗମ୍ଭୀର ଅଭିଯୋଗ ସହିତ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ମାମଲାକୁ ଆହୁରି ଆଗକୁ ନେଇ, ସେହି ବ୍ୟକ୍ତି ରାକେଶ ଆହିରେଙ୍କୁ ସମାନ ପ୍ରସ୍ତାବ ଦେଇଥିଲେ। ଆହିରେଙ୍କ ଅନୁସାରେ, ଧୋମସେ କହିଥିଲେ, ଯଦି ତୁମେ ଏକ କୋଟି ଟଙ୍କା ଦେବାକୁ ପ୍ରସ୍ତୁତ, ତେବେ ତୁମ ପାଇଁ ୧୧,୨୫୦ ଭୋଟ୍ ଯୋଗାଡ କରିବା ମୋର ଦାୟିତ୍ୱ। ଅଡିଓ କ୍ଲିପ୍ ଭାଇରାଲ ହେବା ମାତ୍ରେ, ରାକେଶ ଆହିରେ ତୁରନ୍ତ ଚାନ୍ଦୱାଡ (ଶେଷ ପୃଷ୍ଠା ଦେଖନ୍ତୁ)

# ପିଏମ୍‌ଓର ନୂଆ ନାଁ 'ସେବାତୀର୍ଥ'

**ନୂଆଦିଲ୍ଲୀ,୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବଦଳିଲା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ନାମ। ଏଣିକି ପିଏମଓ ସେବାତୀର୍ଥ ନାଁରେ ଜଣାଯିବ। କାରଣ ପିଏମଓର ନାଁ ବଦଳି ହୋଇଛି ସେବାତୀର୍ଥ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସେବାତୀର୍ଥ ନାମରେ ନାମିତ ହେବା ସହ ବିଚାର ମଧ୍ୟ ବଦଳିଲା। ପରିବର୍ତ୍ତିତ ନାମରେ ରହିଛି ଜନକଲ୍ୟାଣ ବାର୍ତ୍ତା। ଏହିକ୍ରମରେ କେନ୍ଦ୍ର ସଚିବାଳୟ ନାମ ହେଲା କର୍ତ୍ତବ୍ୟ ଭବନ। ପିଏମଓର କାର୍ଯ୍ୟଶୈଳୀ ଏବଂ ସାର୍ବଜନୀନ ସେବା ପ୍ରତି ସମର୍ପଣ ଭାବକୁ ସ୍ୱୀକୃତି ଦେଇ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହି ପରିବର୍ତ୍ତନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପିଏମଓକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଲଭ କରିବା, ଯାହା ଦ୍ୱାରା ଲୋକମାନେ ସେମାନଙ୍କର ସମସ୍ୟା ଏବଂ ପରାମର୍ଶଗୁଡ଼ିକୁ ସହଜରେ କହିପାରିବେ। ତେବେ ସମାନ କମ୍ପ୍ଲେକ୍ସରେ ଥିବା 'ସେବା ତୀର୍ଥ-୨' ଏବଂ 'ସେବା ତୀର୍ଥ-୩' କୋଠାରେ କ୍ୟାବିନେଟ ସଚିବାଳୟ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ)ଙ୍କ ଅଫିସ ରହିବ। ପୁରୁଣା ଅଫିସରୁ ନୂଆ ଅଫିସକୁ ସ୍ଥାନାନ୍ତର ଆରମ୍ଭ ହୋଇସାରିଛି। ଗତକାଲି ଅନେକ ରାଜ୍ୟର ରାଜଭବନ ନାଁ ବଦଳିଛି। ନୂଆ ନାଁ ହୋଇଛି ଲୋକଭବନ। ସେପଟେ ଖାଲି ପିଏମଓ ନାଁ ନୁହେଁ ଏହା ପୂର୍ବରୁ ମୋଦୀ ସରକାର ଦିଲ୍ଲୀରେ ରାଜପଥର ନାଁ ବି (ଶେଷ ପୃଷ୍ଠା ଦେଖନ୍ତୁ)

# ଦେଶୀ ମଦ ପିଇ ମୃତ୍ୟୁ

**ପାଟଣାଗଡ଼,୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଓଡ଼ିଆପାଲି ଗାଁରେ ଦେଶୀ ରନ୍ଧା ମଦ ପିଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇଥିବା ଅଭିଯୋଗ ଆସିଛି।

ସୂଚନାଯୋଗ୍ୟ ଯେ, ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଓଡ଼ିଆପାଲି ଗାଁର ବେଲାରସିଂ ମାଝୀ ତାଙ୍କ ଜମିରେ ପୂଜା ପରେ କିଛି ଲୋକଙ୍କୁ ଖାଇବା ପାଇଁ ଡାକିଥିଲେ। ଖାଇବା ପୂର୍ବରୁ କିଛି ଲୋକ ଦେଶୀ ରନ୍ଧା ମଦ ପିଇଥିଲେ। ସେମାନଙ୍କ ମଧ୍ୟରୁ ତିନି ଜଣ ଗୁରୁତର ହୋଇପଡିଥିଲେ। ତିନି ଜଣଙ୍କୁ ଉଦ୍ଧାର କରି ପରିବାର ତରଫରୁ ପାଟଣାଗଡ଼ ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ହେଲେ ସେହି ଗାଁର ସୁରୁ ମାଝୀ ବୋଲି ଜଣାପଡିଛି। ଗୁରୁତର ଦୁଇଜଣ ହେଲେ ହରି ମାଝୀ ଓ ଦୁଲ୍ଲବ ନାଏକ। ଗୁରୁତରମାନେ ପାଟଣାଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ମୃତକଙ୍କ ଶବ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ଖପ୍ରାଖୋଲ ପୋଲିସ। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନଥିବା ବେଳେ ଦେଶୀ ମଦ ପିଇ ଏଭଳି ଘଟିଥିବା ଚର୍ଚ୍ଚା ହେଉଛି। ପୋଲିସର ତଦନ୍ତ ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିବ ବୋଲି କୁହାଯାଉଛି।




କୋଣାର୍କରେ ବାଲୁକା କଳା ମାଧ୍ୟମରେ ବନ୍ୟପ୍ରାଣୀଙ୍କ ସୁରକ୍ଷା।

# ଜୁଆ ରୋକିବାକୁ ନୂଆ ଆଇନ୍

**ଭୁବନେଶ୍ୱର,୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**



ଜୁଆ ଖେଳକୁ ରୋକିବା ପାଇଁ ଓଡ଼ିଶା ବିଧାନସଭାରେ 'ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨୦୨୫' ପାରିତ ହୋଇଛି। ଦୀର୍ଘ ସମୟ ଧରି ଆଲୋଚନା ପରେ ଏହି ବିଲ୍ ପାରିତ ହୋଇଥିବା ବେଳେ ଏଥିରେ ଜୁଆ ଖେଳି ଧରାପଡ଼ିଲେ ମୋଟା ଅଙ୍କର ଜରିମାନା ବ୍ୟବସ୍ଥା କରାଯାଇଛି। ନୂଆ ଆଇନରେ ପୂର୍ବରୁ ଥିବା ଜରିମାନା ରାଶିକୁ ବହୁଗୁଣିତ କରାଯାଇଛି। ପୂର୍ବରୁ ଥିବା ଶହେ ଟଙ୍କା ଜରିମାନାକୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଥିବା ହଜାରେ ଟଙ୍କା ଜରିମାନାକୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବିଲ୍‌ରେ ୯ଟି ବିଭାଗର ୧୬ଟି ମୂଳ ରାଜ୍ୟ ଆଇନ୍‌ରେ ସଂଶୋଧନ କରାଯାଇଛି।

ସର୍ବସାଧାରଣ ସ୍ଥାନରେ କଟକଣା ଲଗାଯାଇଛି। ଯପରିକି ବଜାର, ମେଳା, କିମ୍ବା ରାସ୍ତାରେ ଜୁଆ ଖେଳକୁ ଆଦୌ ବରଦାସ୍ତ କରାଯିବ ନାହିଁ। ପଶୁ ପକ୍ଷୀ ଲଢେଇ କରାଉଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜରିମାନା ଦେବାକୁ ପଡ଼ିବ। ଅଭିଯୁକ୍ତଙ୍କୁ ସରକାରୀ ଅଧିକାରୀ ସିଧାସଳଖ ସବ୍‌ଡିଭିଜନାଲ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିପାରିବେ। ବିଲ୍ ପାରିତ ସମୟରେ ବିରୋଧୀ ଦଳ ପକ୍ଷରୁ ବିରୋଧ କରାଯାଇ କକ୍ଷତ୍ୟାଗ କରାଯାଇଥିବା ସୂଚନା ମିଳିଛି।

# ରୋହିଙ୍ଗ୍ୟା ବେଆଇନ ଭାବେ ଆସି ଅଧିକାର ମାଗୁଛନ୍ତି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାର ସୁପ୍ରିମକୋର୍ଟ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ନିଖୋଜ ହେବା ଅଭିଯୋଗରେ



ଏକ ଆବେଦନର ଶୁଣାଣି କରିଛନ୍ତି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି ଦେଶରେ ବେଆଇନ ଭାବରେ ପ୍ରବେଶ କରୁଥିବା ଲୋକଙ୍କୁ ନ୍ୟାୟପାଳିକା ସ୍ୱତନ୍ତ୍ର ସୁରକ୍ଷା ଦେବାର ଆଶା କରି ହେବ କି? କୋର୍ଟ କହିଛନ୍ତି, 'ଉତ୍ତର-ପୂର୍ବରେ ଆମର ସୀମା ଅତ୍ୟନ୍ତ ସମ୍ବେଦନଶୀଳ। ଆମେ ଏହି ମାମଲାରେ କୌଣସି ବିପଦ ନେଇପାରିବୁ ନାହିଁ।' ଖଣ୍ଡପୀଠର ନେତୃତ୍ୱ ନେଉଥିବା ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, 'ଆପଣ କ'ଣ ଚାହାଁନ୍ତି ଯେ ଆମେ ସେମାନଙ୍କ ପାଇଁ ରେଡ୍ କାର୍ପେଟ ବିଛାଇବୁ? ରୋହିଙ୍ଗ୍ୟାମାନେ ଅଣ୍ଡରଗ୍ରାଉଣ୍ଡ ରୁଟ୍ ଦେଇ ଭାରତରେ କାହିଁକି ପ୍ରବେଶ କରୁଛନ୍ତି? ଆସିବା ପରେ ଖାଦ୍ୟ ଏବଂ ଆଶ୍ରୟ ଭଳି ମୌଳିକ ଅଧିକାର ଦାବି କରୁଛନ୍ତି।

ଉଲ୍ଲେଖନୀୟ ଯେ, ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ 'ହେଭିୟର୍ସ କର୍ପସ' ଆବେଦନ ଉପରେ ଶୁଣାଣି କରୁଥିଲେ। ଆବେଦନରେ ଅଭିଯୋଗ ରହିଥିଲା ଯେ, ମଇ ମାସରେ ଦିଲ୍ଲୀ ପୁଲିସ କିଛି ରୋହିଙ୍ଗ୍ୟା ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏହାପରେ ସେମାନେ ନିଖୋଜ ଅଛନ୍ତି। ଏଥିରେ ଦାବି କରାଯାଇଥିଲା ସେମାନଙ୍କୁ ଦେଶକୁ ଫେରାଇ ଅଣାଯାଉ। ଏହା ପୁରା ଆଇନଗତ (ଶେଷ ପୃଷ୍ଠା ଦେଖନ୍ତୁ)

## ଏବେ ବିଚାରପତି ରାୟ ଶୁଣାଉନାହାନ୍ତି, ଅଧିକ କହୁଛନ୍ତି: ଟିଏମସି ସାଂସଦ

**ନୂଆଦିଲ୍ଲୀ,୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜିକାଲି ଜଜ୍ ବେଶୀ କଥା କହୁଛନ୍ତି। ଏଭଳି ବୟାନ ଦେଇ ବିବାଦରେ ତୃଣମୂଳ କଂଗ୍ରେସ ସାଂସଦ କଲ୍ୟାଣ ବାନାର୍ଜୀ। ରୋହିଙ୍ଗ୍ୟାମାନଙ୍କ ପାଇଁ 'ଲାଲ କାର୍ପେଟ' ବିଛା ଯାଉଥିବା ନେଇ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ଏଭଳି ବିବାଦୀୟ ବୟାନ ଦେଇଛନ୍ତି କଲ୍ୟାଣ। ସେ କହିଛନ୍ତି ଯେ, ଆଜିକାଲି ବିଚାରପତିମାନେ ଅଧିକ କଥା କହୁଛନ୍ତି। ସେମାନେ ଟିଆରପି ବୃଦ୍ଧି କରିବା ପାଇଁ ଏପରି ମନ୍ତବ୍ୟ ଦେଉଛନ୍ତି। ପୂର୍ବ ବିଚାରପତିମାନେ ଏହା କରୁନଥିଲେ। ସେମାନେ ବହୁତ କମ୍ କଥା କହୁଥିଲେ। ଏବେ ସମ୍ପୂର୍ଣ୍ଣ ଧାରା ବଦଳି ଯାଇଛି। କଲ୍ୟାଣ ବାନାର୍ଜୀ ସିଜେଆଇଙ୍କ ଏହି ମନ୍ତବ୍ୟର ଉତ୍ତର ଦେଇ କହିଛନ୍ତି, 'ତାଙ୍କ ମନ୍ତବ୍ୟର ଉତ୍ତର ଦେବା ଆମକୁ ଶୋଭା ଦେବ ନାହିଁ। ସେ ହେଉଛନ୍ତି ଭାରତର ମୁଖ୍ୟ ବିଚାରପତି। କିନ୍ତୁ ମୁଁ ବିଶ୍ୱାସ କରେ ଯେ, କୌଣସି ବିଚାରପତିଙ୍କୁ ଏଭଳି ଅଯଥା ମନ୍ତବ୍ୟ ଦେବା ଉଚିତ୍ ନୁହେଁ।' ଟିଏମସି ସାଂସଦ ଆହୁରି କହିଛନ୍ତି ଯେ, 'ପୂର୍ବରୁ, ଆମ ଭାରତୀୟ ନ୍ୟାୟପାଳିକାରେ ବିଚାରପତିମାନେ କମ୍ କଥା ହେଉଥିବା ଦେଖାଯାଉଥିଲା। କେବଳ ନିଷ୍ପତ୍ତି ଦେବା ସମୟରେ ବିଚାରପତିମାନେ କଥା କହୁଥିବା ଦେଖାଯାଉଥିଲା। କିନ୍ତୁ ଏବେ ସମ୍ପୂର୍ଣ୍ଣ ଧାରା ବଦଳି ଯାଇଛି। ଆଜିକାଲି ବିଚାରପତିମାନେ ଟିଆରପି ବୃଦ୍ଧି କରିବା ପାଇଁ ଅଧିକ କଥା କହୁଛନ୍ତି। କିନ୍ତୁ ସେମାନେ ରାୟ ଶୁଣାଉ ନାହାନ୍ତି। ଏହା ଆଜିର ସବୁଠାରୁ ବଡ଼ ସମସ୍ୟା।'

# ସମୁଦ୍ର ଆଁରେ ୬ ଜିଲ୍ଲାର ଗାଁ

**ଭୁବନେଶ୍ୱର,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସମୁଦ୍ର ଆଁରେ ୬ ଜିଲ୍ଲାର ଉପକୂଳବର୍ତ୍ତୀ ଗାଁ। କେନ୍ଦ୍ରାପଡ଼ାର ୧୯, ଗଞ୍ଜାମର ୧୪, ପୁରୀ ଜିଲ୍ଲାର ୬ ଗାଁର ଅନେକାଂଶ ସମୁଦ୍ରରେ ବିଲୀନ ହୋଇଯାଇଛି। ଏହି ସବୁ ଗାଁ ୧୯୯୦ରୁ ୨୦୨୮ ମଧ୍ୟରେ ସମୁଦ୍ର ମାଡ଼ି ଆସିବା ଦ୍ୱାରା ଏପରି ପ୍ରଭାବିତ ହୋଇଛନ୍ତି। ସେହିପରି ରାଜନଗର ବ୍ଲକର ସାତଭାୟା, କାହ୍ନୁପୁରୁ, ବରାହିପୁର, ମଗରକଣ୍ଡା ଓ ରବିନ୍ଦ୍ରପାଲି ଲୋକଙ୍କୁ ବଗପାଟିଆରେ ଥଇଥାନ କରାଯାଇଛି। ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱରର ୧୪୦.୭୩ ହେକ୍ଟର ଜମି ସମୁଦ୍ର ମାଡ଼ି ଆସିବା ଦ୍ୱାରା ଅବକ୍ଷୟ ହୋଇଛି। ସମୁଦ୍ରକୁ ରୋକିବା ଲାଗି ଅଧିକରୁ ଅଧିକ ହେନ୍ତାଳ ବଣ ସୃଷ୍ଟି କରାଯାଉଛି ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ଜଙ୍ଗଲର ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ।

# ମୋହନଙ୍କ ନାଁରେ ମନ୍ମଥଙ୍କ ଏତଲା



**ଭୁବନେଶ୍ୱର,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କଥିତ ଅପମାନଜନକ ମନ୍ତବ୍ୟ ଦେଇ ମାମଲାର ସମ୍ମୁଖୀନ ହେବାର କିଛି ଦିନ ପରେ ବିଜୁ ଜନତା ଦଳର ନେତା ମନ୍ମଥ ରାଉତରାୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ମନ୍ମଥ ଭୁବନେଶ୍ୱର କ୍ୟାପିଟାଲ୍ ଥାନାରେ ଦୁଇଟି ପୃଥକ ଅଭିଯୋଗ ଦାୟର କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନିକଟରେ ବିଭିନ୍ନ ସର୍ବସାଧାରଣ ସଭାରେ 'ଜାତିଗତ ଅପମାନଜନକ' ଏବଂ 'ଅଶ୍ଳୀଳ' ମନ୍ତବ୍ୟ ଦେଇଛନ୍ତି।

ପ୍ରଥମ ଅଭିଯୋଗରେ ମନ୍ମଥ ଦର୍ଶାଇଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏକ ସାଧାରଣ ସଭାରେ କହିଥିଲେ ଯେ କେନ୍ଦୁଝରରେ ତାଙ୍କ ସମ୍ପ୍ରଦାୟର ଝିଅମାନେ 'କଳା' ଏବଂ ସେ ଫିକା/ଗୋରା ରଙ୍ଗର ଝିଅ ବାଛିବା ପାଇଁ ମୟୂରଭଞ୍ଜରେ ବୋହୂ ଖୋଜିବାକୁ ପଡ଼ିଥିଲା।

ମନ୍ମଥ ରାଉତରାୟ ଦାବି କରିଛନ୍ତି, "ଏହି ମନ୍ତବ୍ୟ ସ୍ପଷ୍ଟ ଭାବରେ ଚର୍ମର ରଙ୍ଗକୁ ଭିତ୍ତି କରି (ଶେଷ ପୃଷ୍ଠା ଦେଖନ୍ତୁ)

# 'ସଞ୍ଚାର ସାଥୀ'କୁ ନେଇ କେନ୍ଦ୍ର ସରକାରଙ୍କ ୟୁ-ଟର୍ଣ୍ଣ

**ନୂଆଦିଲ୍ଲୀ,୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ସାଇବର ସୁରକ୍ଷା ଏବେ ବିଶ୍ୱ ପାଇଁ ବଡ଼ ସଙ୍କଟ ଭାବେ ଉଭା ହୋଇଛି। ଏହାର ମୁକାବିଲା ପାଇଁ ବଡ଼ ପଦକ୍ଷେପ ନେଇଥିଲେ କେନ୍ଦ୍ର ସରକାର। ନୂତନ ହ୍ୟାଣ୍ଡସେଟ୍‌ରେ ସଞ୍ଚାର ସାଥୀ ଆପ୍ ପ୍ରି-ଅପଲୋଡ କରିବାକୁ ନିର୍ଦ୍ଦେଶ ଦେଇଥିଲା ଦୂରସଂଚାର ମନ୍ତ୍ରଣାଳୟ। ମୋବାଇଲ୍ ଫୋନ୍‌ର ପ୍ରାମାଣିକତା ସୁନିଶ୍ଚିତ କରିବା ପାଇଁ, ସମସ୍ତ ମୋବାଇଲ୍ ନିର୍ମାଣକାରୀ କମ୍ପାନୀଗୁଡ଼ିକୁ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ନୂତନ ଆମଦାନୀ ହୋଇଥିବା ଫୋନ୍‌ଗୁଡ଼ିକରେ ମଧ୍ୟ ସଞ୍ଚାର ସାଥୀ ଆପ୍ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ ବୋଲି କୁହାଯାଇଥିଲା। କିନ୍ତୁ ବିରୋଧୀଙ୍କ ଚାପ ପରେ ନିଷ୍ପତ୍ତି ବଦଳାଇଛନ୍ତି ସରକାର। ଫୋନରେ ଏହି ଆପ୍ ଅପ୍ସନାଲ ରହିବ, ୟୁଜର ଇଚ୍ଛା ଅନୁସାରେ ଡିଲିଟ୍ କରିପାରିବେ।




ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ।

ସରକାରଙ୍କ ପୂର୍ବ ପଦକ୍ଷେପକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା ଏବଂ ବିତର୍କ। ବିରୋଧୀମାନେ ଏହାକୁ ବିଗ୍ ବ୍ରଦର ଏବଂ ପେଗାସସ୍ ପ୍ଲସ୍ ପ୍ଲସ୍ କହି ମୋଦି ସରକାରଙ୍କୁ ଘେରିଛନ୍ତି। ଦୂରସଂଚାର ବିଭାଗର ଏହି ନିର୍ଦ୍ଦେଶ ଅସାମ୍ବିଧାନିକ କହିଛନ୍ତି ରାଜସ୍ଥାନର ରାଜ୍ୟସଭା ସାଂସଦ କେ.ସି. ବେଣୁଗୋପାଳ। କହିଛନ୍ତି ବିଗ୍ (ଶେଷ ପୃଷ୍ଠା ଦେଖନ୍ତୁ)

# ବିପଜ୍ଜନକ ସ୍ତରରେ ବାୟୁର ଗୁଣବତ୍ତା

**ଭୁବନେଶ୍ୱର,୨।୧୨: ତଥ୍ୟ**

ଓଡିଶାର ପ୍ରମୁଖ ସହରଗୁଡିକରେ ବାୟୁର ଗୁଣବତ୍ତା ବିପଦଜନକ ସ୍ତରରେ ରହୁଥିବାରୁ ଫୁସ୍‌ଫୁସ୍ ଜନିତ ସମସ୍ୟା ଅଧିକରୁ ଅଧିକ ସଂଖ୍ୟକ ଲୋକଙ୍କଠାରେ ପରିଲକ୍ଷିତ ହେଉଛି ବୋଲି ଚିକିତ୍ସା ବିଜ୍ଞାନୀମାନେ ମତ ଦେଇଛନ୍ତି

ଦେଶର ରାଜଧାନୀ ନୂଆଦିଲ୍ଲୀରୁ ବାୟୁର ଗୁଣବତ୍ତା ବା ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ଢେର ଅଧିକ ରହୁଥିବାରୁ ସୁପ୍ରିମ୍‌କୋର୍ଟ ଉଦବେଗପ୍ରକାଶ କରିଛନ୍ତି । ଦିଲ୍ଲୀରେ ଏହା ପ୍ରାୟ ୪୦୦ ରହୁଥିବାବେଳେ ଆଖପାଖ ସହରରେ ବି ଏକ୍ୟୁଆଇ ପରିମାଣ ୩୦୦ରୁ ୪୦୦ ପର୍ଯ୍ୟନ୍ତ ରହୁଛି । ଓଡିଶାର ରାଜଧାନୀ ଭୁବନେଶ୍ୱରରେ ଏକ୍ୟୁଆଇ ପରିମାଣ ୧୫୦ରୁ ୨୦୦ ପର୍ଯ୍ୟନ୍ତ ରହୁଥିବା ପରିବେଶ ବିଶେଷଜ୍ଞମାନେ କହୁଛନ୍ତି । ଏକ୍ୟୁଆଇ ପରିମାଣ ୧୦୦ରୁ ତଳକୁ ରହିଲେ ଚଳନୀୟ ଓ ୬୦ରୁ ତଳକୁ ରହିଲେ ଏହା ସର୍ବୋତ୍ତମ ବୋଲି କୁହାଯାଇଥାଏ ।

କେବଳ ଭୁବନେଶ୍ୱର ନୁହେଁ, ଅନୁଗୁଳ, ଝାରସୁଗୁଡା, ରାଉରକେଲା, ତାଳଚେର ଭଳି ସହରାଞ୍ଚଳରେ ମଧ୍ୟ ଏକ୍ୟୁଆଇ ବିପଦଜନକ ସ୍ତରରେ ରହୁଛି । ବିଶେଷକରି ଖଣି ଖାଦାନ, କଳକାରଖାନା ଏବଂ ଅଧିକ ସଂଖ୍ୟକ ମୋଟରଗାଡି ଚାଲୁଥିବା ଅଞ୍ଚଳରେ ଏକ୍ୟୁଓ୍ୱାଇ ବପଦଜନକ ସ୍ତରରେ ରହୁଛି । ଏହାଛଡା ରାସ୍ତା ସଫେଇ ସମୟରେ ଯେଉଁ ଧୂଳି ଉଡୁଛି ତାହା ବି କ୍ଷତିକାରକ ହେଉଛି ।



ବିଭିନ୍ନ ସ୍ଥାନରେ ଚାଲୁଥିବା କ୍ରସରଗୁଡିକ ବି ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ହେଉଛନ୍ତି । ପରିବେଶବିତ୍‌ମାନେ କହୁଛନ୍ତି ଯେ ଭୁବନେଶ୍ୱର ସମେତ ବିଭିନ୍ନ ସହରାଞ୍ଚଳରେ ଚାଲୁଥିବା ରାସ୍ତାଘାଟ ଠାରୁ ଆପାର୍ଟମେଣ୍ଟ ନିର୍ମାଣ ଯୋଗୁଁ ବାୟୁମଣ୍ଡଳରେ ଧୂଳି ଭର୍ତ୍ତି ହୋଇଯାଉଛି । ନିୟମାନୁଯାୟୀ ଯେଉଁ ସ୍ଥାନରେ ନୂଆ ଘର କିମ୍ବା ଆପାର୍ଟମେଣ୍ଟ ଆଦି ତିଆରି ହେଉଛି ସେଠାରେ ଚାରିପଟୁ ଜରିପାଲ ଦ୍ୱାରା ଆବଦ୍ଧ କରାଯାଇ ଗୁଣ୍ଡ ଉଡିବାକୁ ରୋକାଯିବା ଆବଶ୍ୟକ । ଯେଉଁମାନେ ଏହାର ଉଲ୍ଲଙ୍ଘନ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ସହିତ ନିର୍ମାଣ ବନ୍ଦ କରାଇବା ପାଇଁ ବ୍ୟବସ୍ଥା ରହିଛି । ତେବେ ନଗର ଉନ୍ନୟନ ବିଭାଗ ସମେତ ବିଏମସି, ବିଡିଏ ଓ ଅନୁରୂପ ଅନ୍ୟ ସଂସ୍ଥାମାନେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉନଥିବାରୁ ଏହି ନିର୍ମାଣସ୍ଥଳୀର ଗୁଣ୍ଡ ପ୍ରଭାବରେ ଆଖପାଖର (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩ ଡିସେମ୍ବର ୨୦୨୫ । ବୁଧବାର




## ହାର୍ଡୱେର ଷ୍ଟୋର ତାଲା ଭାଙ୍ଗି ଲୁଟ୍

**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ଭୁବନେଶ୍ୱର କମିସନରେଟ ପୋଲିସ ଅଧୀନ ବାଲିପାଟଣାରେ ମାତିଛନ୍ତି ଲୁଟେରା ଦଳ। ଲୁଟ ପାଟ କରି ଲୋକଙ୍କ ଆଖିରୁ ନିଦ ହଜେଇ ଦେଇଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ କୋହଳ ଚୋରଙ୍କ ପାଇଁ ବରଦାନ ପାଲଟିଛି। ସାଧାରଣ ଜନତା ଅସୁରକ୍ଷିତ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ସୁନା ଅଳଙ୍କାର, ଛେଳି, ମେଣ୍ଢା ଓ ଦୋକାନଙ୍କୁ ଅଧିକ ଟାର୍ଗେଟ କରୁଛନ୍ତି ଲୁଟେରା।

ସୋମବାର ରାତିରେ ବାଲିପାଟଣା ଥାନା ଧାନହରା ବଜାର ସୋମନାଥ ହାର୍ଡୱେର ଷ୍ଟୋରରୁ ପୁଣି ଚୋରି ହୋଇଛି। ଦୋକାନୀ ଘରକୁ ଖାଇବାକୁ ଯାଇଥିବା ସୁଯୋଗ ଉଣ୍ଡି ମାତ୍ର ୨ ଘଣ୍ଟା ଭିତରେ ଦୁର୍ବୃତ୍ତ ଏହି କାଣ୍ଡ ଭିଆଇଛନ୍ତି। ଖବର ପାଇ ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ଅନୁସାରେ, ମଝିହରା ଗ୍ରାମର ଚତୁର୍ଭୁଜ ଆଚାର୍ଯ୍ୟଙ୍କ ଧାନହରା ବଜାରରେ ଦୀର୍ଘ ୪୦ ବର୍ଷ ହେଲା ସୋମନାଥ ହାର୍ଡୱେର ଷ୍ଟୋର ଅଛି। ପ୍ରାୟ ଦେଢ଼ ବର୍ଷ ତଳେ ଦୁର୍ବୃତ୍ତ ତାଙ୍କ ଦୋକାନ ଭାଙ୍ଗି ଲୁଟ କରିଥିଲେ। ସୋମବାର ରାତି ୯ଟାରେ ଚତୁର୍ଭୁଜ ଦୋକାନ ତାଲା ଦେଇ ଘରକୁ ଖାଇବାକୁ ଯାଇଥିଲେ। ୨ ଘଣ୍ଟା ଭିତରେ ଘରୁ ଦୋକାନକୁ ଆସିଥିଲେ।

ଦୋକାନ ଫାଟକ ତାଲା ଭଙ୍ଗା ଯାଇଥିବା ଦେଖି ସେ ବିସ୍ମିତ ହୋଇ ଯାଇଥିଲେ। ଦୁର୍ବୃତ୍ତମାନେ ଇଲେକ୍ଟ୍ରି ଓଜନ ଯନ୍ତ୍ର, ବ୍ୟାଟେରୀ, ପ୍ରାୟ ୨ ହଜାର ନଗଦ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେବା ସହ ସିସି ଟିଭି କ୍ୟାମେରା ତାଡି ନେଇଛନ୍ତି ଜଣାପଡିଥିଲା। ଅଠାନ୍ତର ନୂଆଗାଁ ପୂର୍ତ୍ତ ବିଭାଗ ରାସ୍ତାର ଧାନହରା ବଜାରରେ ଲୋକଙ୍କ ଚଳପ୍ରଚଳ ଲାଗିଥିବା ବେଳେ ଲୁଟେରା ଦଳ ମାତିବା ବଡ଼ ସଙ୍କଟ ସୃଷ୍ଟି କରିଛି। ଚୋରି ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ହୋଇଛି। ତେବେ ପୋଲିସ ଚୋରଙ୍କୁ ଧରିବାରେ କେତେ ସଫଳ ହେଉଛି, ତାହା ଦେଖିବାକୁ ବାକି ରହିଛି।

## ମା'ଙ୍କୁ ପ୍ରକୃତ ଭଲପାଇବା ଓଡ଼ିଶାରୁ ଶିଖିଛି: ଗଣେଶୀ ଲାଲ୍

### ଅଚ୍ୟୁତ ସାମନ୍ତଙ୍କ 'ମୋ ମା ମୋ ପ୍ରେରଣା' ପୁସ୍ତକ ଲୋକାର୍ପିତ




**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ସୃଷ୍ଟିର ଆଦି ଓ ଅନ୍ତ ମା'ଙ୍କଠାରେ ନିହିତ। ମା' କେବେ ସ୍ନେହ ଦେବାରେ ପାତର ଅନ୍ତର କରନ୍ତିନାହିଁ। ଦୁଷ୍ଟ ସନ୍ତାନକୁ ବି ମା' କୋଳେଇ ନିଅନ୍ତି। ଓଡ଼ିଶା ମାଟି ହିଁ ତାଙ୍କୁ ମା'ଙ୍କ ପ୍ରତି ପ୍ରକୃତ ଭଲ ପାଇବା ଶିଖାଇଛି ବୋଲି କହିଛନ୍ତି ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍।

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ଼ଃ.ଅଚ୍ୟୁତ ସାମନ୍ତଙ୍କ ରଚିତ ପୁସ୍ତକ 'ମୋ ମାଆ ମୋ ପ୍ରେରଣା'ର ଲୋକାର୍ପଣ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଗଣେଶୀ ଲାଲ୍ କହିଥିଲେ ଯେ, ସୃଷ୍ଟିର ଆଦି ଓ ଅନ୍ତ ମା'ଙ୍କ ଠାରେ ନିହୀତ। ଆଦିଶକ୍ତିର ଅନ୍ୟତମ ଅଂଶ ହେଉଛନ୍ତି ମା'।

ସମ୍ମାନୀତ ଅତିଥି ଗୁରୁ ବାବା ରାମ ନାରାୟଣ ଦାସ ମା'ଙ୍କ ଆଶୀର୍ବାଦ ଅମୃତସମ ହୋଇଥିବାରୁ ସମସ୍ତେ ମା'ଙ୍କ ଭକ୍ତ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ।

ପ୍ରଫେସର ଶଶାଙ୍କ ଚୁଡ଼ାମଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଲୋକାର୍ପଣ ସମାରୋହରେ ପ୍ରଫେସର ହରେକୃଷ୍ଣ ଶତପଥୀ ପୁସ୍ତକର ସମୀକ୍ଷା କରିଥିଲେ। 'ଓଡ଼ିଶା ଏକ୍ସପ୍ରେସ'ର ମୁଖ୍ୟ ସମ୍ପାଦକ ଉମାପଦ ବୋଷ ଡ଼ଃ. ସାମନ୍ତଙ୍କ ଦୀର୍ଘଯାତ୍ରାର ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ଲେଖକ ଡ଼ଃ.ସାମନ୍ତ ସ୍ୱାଗତ ଭାଷଣ ଦେବା ସହ ଲେଖକୀୟ ଅଭିବ୍ୟକ୍ତିରେ ତାଙ୍କ ଜୀବନରେ ତାଙ୍କ ମା'ଙ୍କ ଭୂମିକା ନେଇ ବିସ୍ତୃତ୍ୱ ସୂଚନା ଦେଇଥିଲେ। ପ୍ରକାଶକ ଜୀବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସୋଆରେ ପ୍ରାଣୀବିଜ୍ଞାନ ଛାତ୍ରଛାତ୍ରୀଙ୍କ ଲାଗି ଓରିଏଣ୍ଟେସନ୍

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ୍ ହଜବ୍ୟାଣ୍ଡରୀ (ଆଇଭିଏସ୍ଏଏଚ୍) ପକ୍ଷରୁ ସୋମବାର କ୍ୟାମ୍ପସ୍ -୪ ଅଡିଟୋରିୟମ୍‌ରେ ବ୍ୟାଚଲର ଅଫ୍ ଭେଟେରୀନାରି ସାଇନ୍‌ସେସ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ବିଭିଏସ୍‌ସିଆଣ୍ଡ ଏଏଚ୍)ର ୨୦୨୫ -୨୬ ବର୍ଷ ବ୍ୟାଚ୍‌ର ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ଭାରତୀୟ ପ୍ରାଣୀ ଚିକିତ୍ସା ପରିଷଦର ପୂର୍ବତନ ଅଧକ୍ଷ ଲେଫ୍ଟନାଣ୍ଟ୍ ଜେନେରାଲ୍ (ଡାକ୍ତର) ନାରାୟଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ବୃତିଗତ ଶିକ୍ଷା ଏକ ମହାନ୍ ଶିକ୍ଷା। ପ୍ରାଣୀମାନେ ନିଜର ସମସ୍ୟା ଓ କଷ୍ଟକୁ ପ୍ରକାଶ କରିପାରନ୍ତି ନାହିଁ। ତେଣୁ ମନୁଷ୍ୟମାନଙ୍କୁ ସେମାନଙ୍କ ସମସ୍ୟାକୁ ଠିକ୍ ଭାବେ ବୁଝିବା ସହ ସକାରାତ୍ମକ ଭାବେ ଏହାର ସମାଧାନ କରିବାର ଆବଶ୍ୟକତା ରହିଛି। ସେମାନଙ୍କର ଯତ୍ନ ନେବା ସହିତ ସେମାନଙ୍କୁ ସ୍ନେହ ଓ ମମତା ସହ ଚିକିତ୍ସା କରିବା ଜରୁରୀ ବୋଲି ସେ ମତ ବ୍ୟକ୍ତ କରିଥିଲେ।



କଠିନ ପରିଶ୍ରମ, ଅଧବସାୟ, ଶୃଙ୍ଖଳା ଓ ସମୟାନୁବର୍ତିତା ଏହି ସବୁ ବିଶେଷ ଗୁଣ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ପାଖରେ ରହିବା ଜରୁରୀ। ଏହାଫଳରେ ସେମାନେ ସଫଳତାର ପାହାଚ ଛୁଇଁ ପାରିବେ। ସଦାସର୍ବଦା ଅନ୍ୟମାନଙ୍କ ଠାରୁ ଭିନ୍ନ ହେବା ସହିତ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ସଦାସର୍ବଦା ତତ୍ପର ରହିବା ଜରୁରୀ ବୋଲି ଲେଫ୍ଟନାଣ୍ଟ୍ ଜେନେରାଲ୍ (ଡାକ୍ତର) ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ପୁନେ ସ୍ଥିତ ଭେଙ୍କିସ ରିସର୍ଚ୍ଚ ଆଣ୍ଡ ବ୍ରିଡିଂ ଫାର୍ମ ପ୍ରାଇଭେଟ୍ ଲିମିଟେଡ୍‌ର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ଡକ୍ଟର ରମେଶ ଚନ୍ଦ୍ର ହଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଣୀ ଚିକିତ୍ସା ଏକ ବୃତିଗତ ଶିକ୍ଷା ନୁହେଁ ବରଂ ଏହା ଏକ ମହାନ ବୃତି ବୋଲି କହିଥିଲେ। ନିଜ ଭିତରେ ସେବା ମନୋବୃତି ନେଇ ପ୍ରାଣୀମାନଙ୍କର ଭାବକୁ ବୁଝି ଚିକିତ୍ସା କରିବା ଜରୁରୀ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପାଠପଢ଼ା ସହ ନିଜର ଆବେଗକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର ବୋଲି କହିଥିଲେ। ସେ ସକାରାତ୍ମକ ଚିନ୍ତାଧାରା ଓ ସେବା ମନୋଭାବ ଦ୍ୱାରା ପ୍ରାଣୀମାନଙ୍କ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ।

ସୋଆ ଉପକୁଳପତି ପ୍ରଫେସର (ଡକ୍ଟର) ଅନୁପ କୁମାର ସାମନ୍ତରାୟ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ପ୍ରାଣୀମାନେ କେବଳ ସ୍ନେହର ଭାଷା ବୁଝୁଥିବାରୁ ସେମାନଙ୍କର ଯତ୍ନ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ତଥ୍ୟ ଅନୁଯାୟୀ ନିଜ ଘରେ କୌଣସି ଗୃହପାଳିତ ପ୍ରାଣୀକୁ ରଖିବା ଦ୍ୱାରା ଲୋକମାନେ ଅଧିକ ସୁସ୍ଥ ରହୁଛନ୍ତି ବୋଲି ପ୍ରଫେସର ସାମନ୍ତରାୟ କହିଥିଲେ। ପରିବେଶର ସନ୍ତୁଳନ ପାଇଁ ପ୍ରାଣୀମାନଙ୍କୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଜୀବନରେ ଆସୁଥିବା ପ୍ରତ୍ୟେକ ସମସ୍ୟାକୁ କିପରି ଭାବେ ଧୈର୍ଯ୍ୟର ସହ ସମ୍ମୁଖୀନ ହୋଇ ଏହାର ସମାଧାନର ପନ୍ଥା ଖୋଜିବା ସହିତ ଆଗକୁ ବଢିବା ଦରକାର ସେ ସମ୍ପର୍କରେ ଶିକ୍ଷା ଲାଭ କରିବା ଜରୁରୀ ବୋଲି ସେ କହିଥିଲେ।

ଏହି ଅବସରରେ ସୋଆ ଆଇଭିଏସ୍ଏଏଚ୍‌ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଆଇଭିଏସ୍ଏଏଚ୍‌ର ଲାଇଭଷ୍ଟକ୍ ପ୍ରଡକ୍ସନ୍ ମ୍ୟାନେଜମେଣ୍ଟ (ଏଲ୍‌ପିଏମ) ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର (ଡକ୍ଟର) ନବକୃଷ୍ଣ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ବିବାହ ପ୍ରମାଣପତ୍ର ପାଇବାରେ ବିଳମ୍ବ: ଦମ୍ପତି ନିରାଶ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ ବିବାହିତ ଦମ୍ପତିକୁ ଏବେ ବ୍ଲକ ପକ୍ଷରୁ ବିବାହ ପ୍ରମାଣପତ୍ର ମିଳିଥାଏ। କିନ୍ତୁ ଅଧିକାରୀଙ୍କ ଅନୁପସ୍ଥିତ ଥିବାରୁ ଦମ୍ପତିମାନେ ବ୍ଲକରେ ପହଞ୍ଚି ଖର୍ଚ୍ଚାନ୍ତ ହୋଇ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକରେ। ଗତ ଦୁଇ ମାସ ଧରି ଦାୟିତ୍ୱରେ ଥିବା ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଜନ୍ମେଜୟ ରାଉତ ଛୁଟିରେ ଥିବାରୁ ଅକ୍ଟୋବର ମାସ ଠାରୁ ଆସୁଥିବା ବିବାହିତ ଦମ୍ପତି ସେମାନଙ୍କର ବିବାହ ପ୍ରମାଣପତ୍ର ପାଇ ପାରୁନଥିବା ଅଭିଯୋଗ ହୋଇଛି। ଯାହା ଫଳରେ ୩୦ରୁ ଉର୍ଦ୍ଧ୍ୱ ଦମ୍ପତିମାନେ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ମଧ୍ୟ ଏଥିରୁ ସେମାନେ ବଞ୍ଚିତ ହେଉଛନ୍ତି । ଯାହା ଫଳରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସହ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

## ସାମ୍ବାଦିକଙ୍କୁ ଆକ୍ରମଣ: ମିଡ଼ିଆ ହାଉସର ନିନ୍ଦା

**ହିଞ୍ଜିଳିକାଟୁ: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ତଥା ସାମ୍ବାଦିକ ଭଗବାନ ପାଢ଼ୀଙ୍କୁ ଗତ ୨୮ ତାରିଖରେ ଏନଏସି କାର୍ଯ୍ୟାଳୟ ପରିସରରେ ଆକ୍ରମଣ ଘଟଣାକୁ ନେଇ ହିଞ୍ଜିଳିକାଟୁ ମିଡ଼ିଆ ହାଉସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ବରିଷ୍ଠ ସାମ୍ବାଦିକ ଆକାଶ ପଟ୍ଟନାୟକଙ୍କ ତତ୍ତ୍ୱବଧାନରେ ଅଞ୍ଚଳର ସାମ୍ବାଦିକମାନେ ଉପସ୍ଥିତ ରହି ଦୃଢ଼ ନିନ୍ଦା କରିଥିଲେ ଏବଂ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବସନ୍ତ କୁମାର ପଟ୍ଟନାୟକ ସରକାର ଶୀତକାଳୀନ ଅଧିବେଶନ ସମୟରେ ତୁରନ୍ତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ବିଲ୍ ପାରିତ କରନ୍ତୁ ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରି କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ କରନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୀମାଞ୍ଚଳ ନାହାକ, ସଂସ୍କାର ପଟ୍ଟନାୟକ, ହିମାଂଶୁ ବେହେରାଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

## କପା ମଣ୍ଡି ଉଦଘାଟନ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର: ଏକ୍ସପ୍ରେସ ନ୍ୟୁଜ୍**

ସୋନପୁର ବ୍ଲକ କଳାପଥର ସ୍ଥିତ ଚନ୍ଦ୍ରିକା ଏଣ୍ଟରପ୍ରାଇଜେସ ଠାରେ ଚଳିତ ବର୍ଷ ପାଇଁ କପା ମଣ୍ଡିରେ ସିସିଆଇ ଅଧୀନରେ କପା ସଂଗ୍ରହ ଆରମ୍ଭ ହୋଇଯାଇଛି। ଏହାକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଶୁଭ ଉଦଘାଟନ କରିଥିବା ବେଳେ ଏହି ଅବସରରେ ସଫଳ ଓ ସର୍ବାଧିକ କପା ଉତ୍ପାଦନକାରୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ। ଏହି ଅବସରରେ ସେ ଅଧିକ କପା ଉତ୍ପାଦନ କରି ଚାଷୀର ରୋଜଗାର ବଢ଼ାଇବାକୁ, ଶିଳ୍ପାନୁଷ୍ଠାନର ରୋଜଗାର ଓ ବେନିଫିଟ ସହ ସରକାରଙ୍କ ବେନିଫିଟ୍ ବଢାଇବାକୁ ପରାମର୍ଶ କରିଥିଲେ ଏବଂ ସୁବିଧାରେ ଚାଷୀ ଯେମିତି କପା ବିକ୍ରୟ କରି ଉଚିତ୍ ମୂଲ୍ୟ ପାଇ ପାରିବେ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ କରିଥିଲେ। ବୀରମହାରାଜ ପୁର ନିୟନ୍ତିତ ବଜାର କମିଟିର ପକ୍ଷରୁ ଖୋଲା ଯାଇଥିବା ଏହି କପା ମଣ୍ଡିରେ ବୀରମହାରାଜ ପୁରର ଚାଷୀମାନେ ସରକାରୀ ଦରରେ କପା ବିକ୍ରୟ କରି ପାରିବେ ।

ସମ୍ମାନିତ ଅତିଥି ଭାବରେ ବୀରମହାରାଜପୁର ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର, ନିୟନ୍ତିତ ବଜାର କମିଟିର ସମ୍ପାଦକ ମନୋଜ ଜେନା, ସିସିଆଇ ଇନଚାର୍ଜ ଶରତ ମସ୍କି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୁଦ୍ରଦେବ ରାଉତ ଯୋଗଦେଇ ଜିଲ୍ଲାପାଳଙ୍କ ସହ ସମସ୍ତ ଅତିଥି ମଣ୍ଡି ପରିଦର୍ଶନ କରିଥିଲେ। ଚନ୍ଦ୍ରିକା ଏଣ୍ଟରପ୍ରାଇଜେସର ପ୍ରୋପାଇଟର ବଣ୍ଟୁ ଅଗ୍ରୱାଲ ଓ ମନୋଜ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ଆରମ୍ଭ ହେଲା କଳାକାରଙ୍କ ପୂର୍ବାଭ୍ୟାସ

**ବରଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୪ତାରିଖରୁ ଆରମ୍ଭ ହେବ। ଏହି ମହୋତ୍ସବ ୨୦୨୬ ମସିହା ଜାନୁଆରୀ ମାସ ୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ଧରି ଚାଲିବ। ଏଥିପାଇଁ ମଙ୍ଗଳବାରଠାରୁ ବରଗଡ଼ ଗାନ୍ଧିଛକ ନିକଟ କଲ୍ୟାଣ ମଣ୍ଡପରେ ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ ଆରମ୍ଭ ହୋଇଯାଇଛି। ଉଗ୍ରସେନ, କଂସ ମହାରାଜଙ୍କ ସମେତ ଅନ୍ୟ ପାର୍ଶ୍ୱ କଳାକାରମାନେ ଉପସ୍ଥିତ ହୋଇ ପୂର୍ବାଭ୍ୟାସ କରୁଛନ୍ତି। କଳାକାର ସମନ୍ୱୟ ସମିତିର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ପୂଜାର୍ଚ୍ଚନା ସହିତ ଏହାର ଶୁଭାରମ୍ଭ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶର ଶତପଥୀ, କଳାକାର ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରାଙ୍କ ସମେତ ଉପଦେଷ୍ଟା ମଣ୍ଡଳୀର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

## ବରିଷ୍ଠ ସମ୍ବାଦପତ୍ର ବିତରକଙ୍କ ପରଲୋକ

**କେନ୍ଦ୍ରାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଜୟୀପୁରାଗ୍ରାମର ବରିଷ୍ଠ ସମ୍ବାଦପତ୍ର ବିତରକ ମହମ୍ମଦ ସାବିର ଅହେମ୍ମଦଙ୍କ ୫୯ବର୍ଷ ବୟସରେ ବିୟୋଗ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସାଧାରଣରେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବହୁ ସାମ୍ବାଦିକ, ସମ୍ବାଦପତ୍ର ଏଜେଣ୍ଟ ଏବଂ ଲୋକପ୍ରତିନିଧିମାନେ ତାଙ୍କ ଜୟୀପୁରାସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜନାଜା ପାଠ ପରେ ତାଙ୍କୁ ଜୟୀପୁରାସ୍ଥିତ କବରସ୍ଥାନରେ କବର ଦିଆଯାଇଛି।

## ଜୁଆଆଡ୍ଡାରେ ଚଢ଼ାଉ: ୧୧ ଅଟକ

**କଣ୍ଟାବାଞ୍ଜି: ଏକ୍ସପ୍ରେସ ନ୍ୟୁଜ୍**

କଣ୍ଟାବାଞ୍ଜିରେ ଜୁଆଆଡ୍ଡାରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିବା ଜଣାଯାଇଛି। ୧୧ ଜୁଆଡିଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଘଟଣାସ୍ଥଳରୁ ନଗଦ ୬୭ ହଜାର ଟଙ୍କା ଜବତ କରିଛି ପୋଲିସ।

ସୂଚନା ଅନୁଯାୟୀ, କଣ୍ଟାବାଞ୍ଜି କେଭି କଲେଜ ପଛ ପଟେ ଥିବା କାଦୋଭସା ଗାଁ ନିକଟରୁ ସୋମବାର ରାତିରେ ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରିଥିଲା। ଏଥିରେ ଥିବା ୧୧ ଜଣ ଜୁଆଡିଙ୍କୁ କାବୁ କରିଛି ପୋଲିସ। ପୋଲିସ ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିବା ବେଳେ ଜୁଆଡିମାନଙ୍କ ଠାରୁ ନଗଦ ୬୭ ହଜାର ଟଙ୍କା ମଧ୍ୟ ଜବତ ହୋଇଥିବା ଜଣାପଡିଛି।

ଏନେଇ ପୋଲିସର ପ୍ରତିକ୍ରିୟା ମିଳି ନାହିଁ। ସମସ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। ଜୁଆଡିମାନଙ୍କ ମଧ୍ୟ ସହରର ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଓ ଦୋକାନୀ ସାମିଲ ଅଛନ୍ତି। ଏଣେ ସୋମବାର ଲଇକେରା ଥାନା ତିଲେଇମାଲ ପଞ୍ଚାୟତ କାଙ୍କକୁମର ଜଙ୍ଗଲରେ ତାସ୍ ପତି ମାଧ୍ୟମରେ ଜୁଆ ଖେଳୁଥିବା ବେଳେ ଲଇକେରା ପୋଲିସ ମାଡି ବସିଥିଲା। ଲଇକେରା ଥାନା ଅଧିକାରୀ ଦିଲୀପ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ କାଙ୍କକୁମର ଜଙ୍ଗଲରେ ଜୁଆ ଖେଳ ହେଉଥିବାର ସୂଚନା ପାଇ ଚଢ଼ାଉ କରିଥିଲେ।

ତାସ୍ ପତିରେ ଖେଳୁଥିବା ୩ ଜଣ ଜୁଆଡିଙ୍କୁ ମାଡିବସିବା ସହିତ ତାଙ୍କ ନିକଟରୁ ୬ ହଜାର ୬୩୦ ଟଙ୍କା ଓ ତିନୋଟି ସେଟ ତାସ୍ ପତି ସହ ୬ଟି ମୋଟର ସାଇକେଲ ଜବତ କରିଥିଲେ।

ଜୁଆଡିମାନେ ହେଲେ ସମ୍ବଲପୁର ଜିଲ୍ଲା ବାମରା ଥାନା ଗୋବିନ୍ଦ ପୁର ଅଞ୍ଚଳର ରଞ୍ଜିତ ପୂର୍ତ୍ତି, ବିକାଶ ପ୍ରସାଦ, ବିପ୍ଲବ ସରକାର। ଅନ୍ୟ ଜୁଆଡିମାନେ ପୋଲିସକୁ ଦେଖି ଜଙ୍ଗଲ ମଧ୍ୟକୁ ଦଉଡ଼ି ଖସି ଯାଇଥିଲେ।

ଏନେଇ ଲଇକେରା ଥାନାରେ ଏକ ମାମଲା ରୁଜୁ କରି ଗିରଫ ତିନି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଥାନା ଅଧିକାରୀଙ୍କ ସହିତ ଲଇକେରା ଥାନାର ରାତ୍ରି କାଳୀନ ପୋଲିସ ପେଟ୍ରୋଲିଂ ଟିମ୍ ସହଯୋଗ କରିଥିଲେ ।

## କୁଖ୍ୟାତ ଅପରାଧୀ ସୁନିଲ ମାଝୀ ଗିରଫ

**ରାଉରକେଲା: ଏକ୍ସପ୍ରେସ ନ୍ୟୁଜ୍**

ରାଉରକେଲା ପୋଲିସ ଜିଲ୍ଲା ଅଧିନ ବ୍ରାହ୍ମଣୀତରଙ୍ଗ ଥାନା ଅଂଚଳରୁ ଜଣେ ଡକାୟତକୁ ଗିରଫ କରିଛି ପୋଲିସ । ତା' ନିକଟରୁ ୩୫ଟି ଖଣ୍ଡା, ବିଭିନ୍ନ ପ୍ରକାରର ୫ଟି ବନ୍ଧୁକ ଏବଂ ୩ଟି ଅଫୁଟା ଗୁଳି ଜବତ ହୋଇଛି। ରାଉରକେଲା ଠାରେ କୌଣସି ଅପରାଧିକ କାର୍ଯ୍ୟ ଘଟାଇବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ତାକୁ ଶଙ୍ଖ ପୋଲ ନିକଟରୁ ଧରିଥିଲା। ଅଭିଯୁକ୍ତ ଜଣକ ହେଲା କୁଆଁରମୁଣ୍ଡା ଥାନା ଅନ୍ତର୍ଗତ ଚୁଟିଆଟୋଲା ଅଂଚଳର। ତା'ର ନାମ ସୁନିଲ ମାଝି। ସେ ଅନ୍ୟ ରାଜ୍ୟରୁ ବନ୍ଧୁକ ଆଣି ଏଠାରେ ଅପରାଧୀମାନଙ୍କୁ ବିକ୍ରି କରୁଥିଲା ବୋଲି ମଙ୍ଗଳବାର ରାଉରକେଲା ଏସପି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତ ସୁନିଲ ବିରୋଧରେ ଲାଠିକଟା ଥାନାରେ ୨ଟି ମାମଲା ରହିଥିବା ବେଳେ ବ୍ରାହ୍ମଣୀତରଙ୍ଗ ଥାନାରେ ୫ଟି ଅପରାଧିକ ମାମଲା ରହିଛି। ସେହିପରି ବୀରମିତ୍ରପୁର ଥାନାରେ ୨ଟି ମାମଲା ରହିଥିବା ବେଳେ ବାରକୋଟ, ଗୁରୁଣ୍ଡିଆ, ବିଶ୍ରା, ବଣେଇ, ଚାନ୍ଦିପୋଷ ଆଦି ଥାନାରେ ଅଭିଯୁକ୍ତ ନାମରେ ଏକାଧିକ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।

## ବାଣିଜ୍ୟ

### ଟଙ୍କା ରେକର୍ଡ ସର୍ବନିମ୍ନସ୍ତରରେ: ୯୦ ଆମେରିକୀୟ ଡଲାର ଛୁଇଁଲା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ମଙ୍ଗଳବାର ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ସର୍ବକାଳୀନ ସର୍ବନିମ୍ନ ୯୦.୦୨କୁ ଖସିଆସିଛି। ବିଭିନ୍ନ କାରଣ ଯୋଗୁଁ ସ୍ଥାନୀୟ ୟୁନିଟ୍ ବହୁତ ଦିନ ଧରି ମୁକ୍ତ ହ୍ରାସର ସମ୍ମୁଖୀନ ହେଉଛି। ବାଣିଜ୍ୟ ନିଅଣ୍ଟ ବୃଦ୍ଧି, ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ବିଳମ୍ବ ଏବଂ ବିଦେଶୀ ପ୍ରବାହ ହେଉଛି ଟଙ୍କାର ସର୍ବକାଳୀନ ସର୍ବନିମ୍ନସ୍ତରକୁ ଖସିବା ପଛରେ କିଛି ପ୍ରମୁଖ କାରଣ।

ଚଳିତ ବର୍ଷ ଏପର୍ଯ୍ୟନ୍ତ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୫% ପର୍ଯ୍ୟନ୍ତ ହ୍ରାସ ପାଇଛି ଏବଂ ଏହା ଏସିଆର ସବୁଠାରୁ ଖରାପ ପ୍ରଦର୍ଶନ କରୁଥିବା ମୁଦ୍ରା ମଧ୍ୟରୁ ଗୋଟିଏ।

ଭାରତର ପଣ୍ୟ ବାଣିଜ୍ୟ ନିଅଣ୍ଟ, କିମ୍ବା ଏକ ଦେଶ କେତେ ରପ୍ତାନି କରେ ଏବଂ କେତେ ଆମଦାନି କରେ ସେହି ମଧ୍ୟରେ ପାର୍ଥକ୍ୟ, ଅକ୍ଟୋବରରେ ରେକର୍ଡ ସର୍ବାଧିକ ୪୧.୬୮ ବିଲିୟନରେ ପହଞ୍ଚିଥିଲା, ଯାହା ଫଳରେ ଡଲାର ଚାହିଦା ବୃଦ୍ଧି ପାଇଥିଲା ଏବଂ ଏହାଦ୍ୱାରା ଘରୋଇ ମୁଦ୍ରା ଚାପରେ ପଡ଼ିଥିଲା।

ସରକାରୀ ତଥ୍ୟ ଦର୍ଶାଉଛି ଯେ ସୁନା ଏବଂ ରୂପା ଆମଦାନି ବୃଦ୍ଧି ଯୋଗୁଁ ଅକ୍ଟୋବରରେ ପଣ୍ୟ ବାଣିଜ୍ୟ ନିଅଣ୍ଟ ୪୧.୬୮ ବିଲିୟନରେ ପହଞ୍ଚିଥିଲା, ଯାହା ସେପ୍ଟେମ୍ବରରେ ୩୨.୧୫ ବିଲିୟନ ଥିଲା।

ଅକ୍ଟୋବରରେ ଭାରତର ରପ୍ତାନି ପ୍ରାୟ ୧୨% ହ୍ରାସ ପାଇ ୩୪.୩୮ ବିଲିୟନରେ ପହଞ୍ଚିଥିଲା, ଯେତେବେଳେ ଆମଦାନି ପ୍ରାୟ ୧୭% ବୃଦ୍ଧି ପାଇ ୭୬.୦୬ ବିଲିୟନରେ ପହଞ୍ଚିଥିଲା।

ବିଶ୍ଳେଷକମାନେ କହିଛନ୍ତି ଯେ ଭାରତ ବିଳମ୍ବ ହେବା ଏବଂ ଆମେରିକା ଆମେରିକା ଦ୍ୱାରା ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କକୁ ମୁକାବିଲା କରିବା ପାଇଁ ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ହେତୁ ମଧ୍ୟ ଟଙ୍କା ଚାପରେ ରହିଛି।

ମୌନ ବାଣିଜ୍ୟ କାର୍ଯ୍ୟକଳାପ ଏବଂ ଦୁର୍ବଳ ପୋର୍ଟଫୋଲିଓ ପ୍ରବାହ, ଆମେରିକା-ଭାରତ ଚୁକ୍ତିନାମାର ଅନୁପସ୍ଥିତି ସହିତ, ଦ୍ୱିତୀୟ ତ୍ରୈମାସରେ ଭାରତର ଦୃଢ଼ ଅର୍ଥନୈତିକ ପ୍ରଦର୍ଶନର ସକାରାତ୍ମକ ପ୍ରଭାବକୁ ଢାଙ୍କି ଦେଇଛି।

ସୋମବାର ପ୍ରକାଶିତ ଏଚଏସବିସି ସର୍ଭେ ଅନୁଯାୟୀ, ଭାରତର ଉତ୍ପାଦନ କ୍ଷେତ୍ର ମଧ୍ୟ ନଭେମ୍ବରରେ କିଛି ଗତି ହରାଇଥିଲା, ଅଭିବୃଦ୍ଧି ନଅ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା କାରଣ କଠୋର ଆମେରିକାର ଟିକସ ଚାହିଦା ଉପରେ ଭାରୀ ପଡ଼ିଥିଲା।

ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଉତ୍ପାଦନ କ୍ଷେତ୍ରରେ ଦୃଢ଼ ପ୍ରସାର ରେକର୍ଡ କରାଯାଇଥିଲା, ଟ୍ରମ୍ପ ପ୍ରଶାସନର ଉଚ୍ଚଶୁଳ୍କ ଲାଗୁ ହେବା ସହିତ ଚଳିତ ତ୍ରୈମାସରେ ଏହା ଥଣ୍ଡା ହେବାର ଆଶା କରାଯାଉଛି।

ସାମ୍ପ୍ରତିକ ସରକାରୀ ତଥ୍ୟ ଦର୍ଶାଉଛି ଯେ ବାଣିଜ୍ୟ ନିଅଣ୍ଟ ରେକର୍ଡ ଉଚ୍ଚତାରେ ପହଞ୍ଚିଛି, ଭାରତୀୟ ସାମଗ୍ରୀ ଉପରେ ୫୦% ଦଣ୍ଡାତ୍ମକ ଶୁଳ୍କ ଯୋଗୁଁ ଆମେରିକାକୁ ରପ୍ତାନି ପ୍ରାୟ ୯% ହ୍ରାସ ପାଇଛି।

## ଦୁର୍ନୀତି ବିରୋଧରେ ସ୍ୱର ଉଠାଇଲେ ମଣ୍ଡଳ ସଭାପତି

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

କଣ୍ଟାପଡା ପରେ ନିଆଳି ବିଜେପିରେ ଦେଖାଦେଇଛି ଗୋଷ୍ଠୀ କନ୍ଦଳ। ନିଆଳି ବ୍ଲକର ସମସ୍ତ ମଣ୍ଡଳ ସଭାପତି ଓ ବିଧାୟକଙ୍କ ପ୍ରତିନିଧିଙ୍କ ସମେତ ବିଜେପିର ଆଗଧାଡିର କର୍ମୀ ଏକତ୍ରିତ ହୋଇ ହଠାତ ସୋମବାର ନିଆଳି ବ୍ଲକରେ ପହଞ୍ଚି ଥିଲେ। ବ୍ଲକ ବିଡ଼ିଓ ଧର୍ମ ରଂଜନ ପଣ୍ଡାଙ୍କୁ ବ୍ଲକରେ ହେଉଥିବା ଦୁର୍ନୀତି ବିଧାୟକଙ୍କ ଚାପରେ ଅନିୟମିତତା କାର୍ଯ୍ୟ ନ କରିବା ଚେତାବନୀ ଦେଇଥିଲେ। ଆଗକୁ ଯଦି ବ୍ଲକ ପ୍ରଶାସନ ଓ ବିଡିଓ ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତି ଏହା ଉପରେ ବିଜେପି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ପରେ ଉଦ୍ୟାନ ବିଭାଗରେ ପହଞ୍ଚି ଚାଷୀମାନଙ୍କୁ କାହିଁକି ଆଳୁ ମଞ୍ଜି ଦିଆଯାଉନାହିଁ ଚାଷୀମାନଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ଆସୁଥିବା ସରକାରୀ ସହାୟତା ବିଷୟରେ



ଅବଗତ କରାଯାଉନାହିଁ, ବିଗତ ବର୍ଷମାନଙ୍କ ମଧ୍ୟରେ ଆଳୁ ମଞ୍ଜିର ସରକାରୀ ରିହାତି ଚାଷୀମାନଙ୍କୁ କାହିଁକି ଦିଆଯାଇନାହିଁ। ଉଦ୍ୟାନ ବିଭାଗ ଅଧିକାରୀ ସହ ଏ ବିଷୟରେ ଆଲୋଚନା କରିଥିଲେ। ପରେ କୃଷି ଓ ଆତ୍ମା କାର୍ଯ୍ୟାଳୟରେ ପହଞ୍ଚି ବିଳମ୍ବରେ ଆସିଥିବା କର୍ମଚାରୀମାନଙ୍କୁ ତାଗିଦ କରିବା ସହିତ ଆତ୍ମା କାର୍ଯ୍ୟାଳୟ ଯେପରି ବିଧାୟକଙ୍କ ଚାପରେ ଏକ ଛତ୍ରବାଦୀ କାମ ନ କରିବାକୁ ତାଗିଦ କରିଥିଲେ। ବିଜେପିର ଗୋଷ୍ଠୀ କନ୍ଦଳ ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀକୁ ବିରୋଧ କରିବା, ବିଧାୟକଙ୍କ ଚାପରେ ସରକାରୀ କର୍ମଚାରୀ କାମ କରୁଥିବା ଅଫିସରଙ୍କୁ ବିରୋଧ କରିବା, ମଣ୍ଡଳ ସଭାପତି ସହିତ ବିଧାୟକଙ୍କ ପ୍ରତିନିଧି ଓ ସାଂସଦଙ୍କ ସହିତ ଜଡିତ ଥିବା ବିଜେପିର ଆଗ ଧାଡିର ନେତା ଓ କର୍ମୀ ଦୁର୍ନୀତି ଆଳରେ ବିଭିନ୍ନ ସରକାରୀ କର୍ମଚାରୀଙ୍କ ଉପରେ ଚାପ ପକାଇବା ଦଳ ବିରୋଧୀର ସଂକେତ ବୋଲି ନିଆଳୀରେ ଆଲୋଚନା ହେଉଛି। ଏଥିରେ ନିଆଳି ମଣ୍ଡଳ ସଭାପତି ନବଘନ ସ୍ୱାଇଁ, ସିଠାଳ ମଣ୍ଡଳ ସଭାପତି ବୃଷକେତୁ ସାମଲ, କସର୍ଦା ମଣ୍ଡଳ ସଭାପତି ରାଜେଶ ମହାରଣା, ମାଧବ ମଣ୍ଡଳ ସଭାପତି ଶାନ୍ତନୁ ଦାସ, ମଣ୍ଡଳ ଉପସଭାପତି ଦିଲ୍ଲିପ ସିଂହ, ବିଧାୟକଙ୍କ ପ୍ରତିନିଧି ଯୁବ କାର୍ଯ୍ୟକର୍ତ୍ତା ସନ୍ତୋଷ ବିଶ୍ୱାଳ, ଦିଲ୍ଲିପ ନାୟକ, ରୋହିତ ମଲିକ, ସନ୍ତୋଷ ଓଝା, ବରିଷ୍ଠ କାର୍ଯ୍ୟକର୍ତ୍ତା ମିହିର ନାୟକଙ୍କ ସମେତ ଅନେକ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିବା ବେଳେ ଏମାନଙ୍କ ପ୍ରଚ୍ଛଦ ପଟରେ ନିଆଳି ବ୍ଲକର ଜଣେ ଆଗ ଧାଡ଼ିର ବିଜେପି ନେତା ତଥା ବିଧାୟକଙ୍କ ଖାସ ଅନୁଗତଙ୍କ ହାତ ଥିବା ନିଆଳିରେ ଆଲୋଚନା ହେଉଛି।

## ସିନେମାଫିନେମା ଟିଭିଫିବି

### ୧୧ ବର୍ଷରେ ଘର ଛାଡ଼ିଥିଲି: ଦିଲଜିତ୍‌ଦୋସାଞ୍ଜ୍

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ପ୍ରସିଦ୍ଧ ଗାୟକ ତଥା ଅଭିନେତା ଦିଲଜିତ୍ ଦୋସାଞ୍ଜ ନିକଟରେ ତାଙ୍କ ପିତାମାତାଙ୍କ ସହ ଥିବା ତାଙ୍କର ଦୂରତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ ମାତ୍ର ୧୧ ବର୍ଷ ବୟସ ହୋଇଥିବାବେଳେ ପିତାମାତା ତାଙ୍କୁ ନ ପଚାରି ଲୁଧିଆନାରେ ତାଙ୍କ ମାମୁଁଙ୍କ ପାଖକୁ ପଠାଇ ଦେଇଥିଲେ।

ଦିଲଜିତ୍ ଏକ ସାକ୍ଷାତକାରରେ କହିଛନ୍ତି, ପିଲାଦିନେ 'ଖାଦ୍ୟ, ଆଶ୍ରୟ ଏବଂ ପାଠପଢ଼ା' ଭଳି ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ତାଙ୍କୁ ଗାଁ ଛାଡ଼ି ସହରକୁ ଯିବାକୁ ପଡ଼ିଥିଲା। ସେ କହିଛନ୍ତି, 'ମୋ ମାମୁଁ ମୋତେ ସହରକୁ ନେଇଯିବା ପାଇଁ କହିଲେ ଏବଂ ମୋ ବାପାମା' ସାଙ୍ଗେ ସାଙ୍ଗେ ହଁ କରିଦେଲେ। ସେମାନେ ମୋତେ ଥରୁଟିଏ ବି ପଚାରି ନଥିଲେ।'

ସେଠାରେ ସେ ଏକ ଛୋଟ ରୁମରେ ଏକୁଟିଆ ରହୁଥିଲେ ଏବଂ ତାଙ୍କ ପାଖରେ ଟିଭି କିମ୍ବା ମୋବାଇଲ୍ ଫୋନ୍ ନଥିଲା। ଘରକୁ ଫୋନ୍ କରିବାରେ ଖର୍ଚ୍ଚ ହେଉଥିବାରୁ ଧୀରେ ଧୀରେ ସେ ପରିବାରଠାରୁ ଦୂରେଇ ଯାଇଥିଲେ।

ଦିଲଜିତ୍ ସ୍ୱୀକାର କରିଛନ୍ତି ଯେ ସେ ତାଙ୍କ ମା'ଙ୍କୁ ବହୁତ ସମ୍ମାନ କରନ୍ତି ଏବଂ ତାଙ୍କ ବାପା ଜଣେ ଭଲ ଲୋକ। ତେବେ ଏହି ଘଟଣା ଯୋଗୁଁ ତାଙ୍କର କେବଳ ପିତାମାତାଙ୍କ ସହ ନୁହେଁ, ସମସ୍ତଙ୍କ ସହିତ ସମ୍ପର୍କରେ ତିକ୍ତତା ଆସିଯାଇଥିଲା।

ସୂଚନାଯୋଗ୍ୟ ଯେ, ୧୯୮୪ରେ ଦୋସାଞ୍ଜ କାଲାଁ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଦିଲଜିତ୍ ଦୋସାଞ୍ଜ ଗତ ବର୍ଷ କୋଚେଲା ମ୍ୟୁଜିକ୍ ଫେଷ୍ଟିଭାଲରେ ତାଙ୍କର ଜବରଦସ୍ତ ପ୍ରଦର୍ଶନ ପରେ ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି।



୩ ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୩ ଡିସେମ୍ବର ୨୦୨୫ । ବୁଧବାର

ଓଡ଼ିଶା

# ଦଦରା ଆଜବେଷ୍ଟସ୍ ଘରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ



୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ସଦର ବ୍ଲକ୍ ବେଲଟିକିରି ପଞ୍ଚାୟତର ଜଙ୍ଗିରା ଗ୍ରାମରେ ୧୯୫୪ରୁ ପ୍ରତିଷ୍ଠିତ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି । ଏହାର ଛାତ୍ରଛାତ୍ରୀ ସଂଖ୍ୟା ୭୦ରୁ ଉର୍ଦ୍ଧ୍ୱ ହେବ । ଛାତ୍ରଛାତ୍ରୀ, ୩ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ପରିଚାଳନା କମିଟିର ଉଦ୍ୟମରେ ବିଦ୍ୟାଳୟର ପରିବେଶ ବେଶ୍ ସୌନ୍ଦର୍ଯ୍ୟମୟ ଏବଂ ପରିଷ୍କାର ପରିଚ୍ଛନ୍ନ ରହିଛି । ବିଦ୍ୟାଳୟର ଚତୁଃପାର୍ଶ୍ୱରେ ପ୍ରାଚୀର ରହିଛି । କିନ୍ତୁ ପଶ୍ଚିମପଟ ପ୍ରାଚୀରର ଉଚ୍ଚତା ଖୁବ୍ କମ୍ ରହିଛି ଏବଂ ସଂପୃକ୍ତ ପଥରକାନ୍ଥର ପଲସ୍ତରା କରାଯାଇନାହିଁ । ବିଦ୍ୟାଳୟ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବାକୁ ଏକ ପ୍ରକୋଷ୍ଠ ନିର୍ମାଣ ହୋଇଛି । କିନ୍ତୁ ସଂପୃକ୍ତ ଠିକାଦାର ଏଥିପାଇଁ ଟଙ୍କା ପାଇନଥିବାରୁ ସେ ଏହାକୁ ତାଲା ପକାଇଦେବାକୁ ଚାହୁଁଛନ୍ତି । ଏ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାମଦେବ ବେହେରା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବର୍ଷାଧିକ କାଳ ହେବ ସଦର ବ୍ଲକ୍ ପକ୍ଷରୁ ଠିକାଦାରଙ୍କ ସପକ୍ଷରେ ଏଯାବତ ବିଲ୍ ପାସ୍ କରାଯାଇ ନାହିଁ । ଏହି ବିଦ୍ୟାଳୟ ପ୍ରତିଷ୍ଠା ଆରମ୍ଭରୁ ପଡିଥିବା ଆଜବେଷ୍ଟସ୍ ଛାତ ଘରେ ସଂପ୍ରତି ଶିଶୁବାଟିକା ଠାରୁ ଆରମ୍ଭ କରି ୫ମ ଶ୍ରେଣୀ ଯାଏଁ ୬ଟି ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ କରାଯାଇଛି । ମଙ୍କଡଙ୍କ ଉପଦ୍ରବରେ ଆଜବେଷ୍ଟସ୍ ଭାଙ୍ଗିରୁଜି ଯାଇ ବର୍ଷାହେଲେ ପାଣି ଗଳୁଛି । ଗତ ୭୧ବର୍ଷ ହେବ ଆଜବେଷ୍ଟସ୍ ଛପର ବଦଳରେ ପକ୍କା ଛାତର ବ୍ୟବସ୍ଥା ଏଯାଏଁ ହୋଇପାରି ନାହିଁ । ଜଣେ ପ୍ରଧାନଶିକ୍ଷୟିତ୍ରୀ ଓ ଦୁଇଜଣ ସହକାରୀ ଶିକ୍ଷୟିତ୍ରୀ ୬ଟି ଶ୍ରେଣୀର ପିଲାଙ୍କୁ ଦୁଇଟି ଆଜବେଷ୍ଟସ୍ ପ୍ରକୋଷ୍ଠରେ ଶିକ୍ଷାଦାନ କରୁଛନ୍ତି । ବିଦ୍ୟାଳୟ ପଛ ପାର୍ଶ୍ୱ ଅରମା ବଣରେ ପୂରି ରହିଛି । ପିଲାଙ୍କ ପ୍ରତି ବିଷଧର ସର୍ପଙ୍କ ଭୟ ରହୁଛି । ଢେଙ୍କାନାଳ ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୧୨ କି.ମି ଦୂର ଢେଙ୍କାନାଳ-କାଇମାଟି-ଯୋରନ୍ଦା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ବିଦ୍ୟାଳୟଟି ରହିଛି । ଅଥଚ ଗତ ୭୧ବର୍ଷ ମଧ୍ୟରେ ଆଜବେଷ୍ଟସ୍ ଛପରକୁ ହଟାଯାଇ ପାରୁନାହିଁ । ତୁରନ୍ତ ନିର୍ଭରଯୋଗ୍ୟ ପକ୍କା ଛାତର ବ୍ୟବସ୍ଥା କରାଯାଉ ବୋଲି ପଦ୍ମଭୂଷଣ ଡଃ. ରାଧାନାଥ ରଥ ଜୟନ୍ତୀ କମିଟିର ସଭାପତି ପ୍ରଦ୍ୟୁମ୍ନ ରଥ ଓ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଦାବୀ କରାଯାଇଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ବିହିତ ଦୃଷ୍ଟି ଦେବେ ବୋଲି ଆଶା କରାଯାଏ ।

## ଆଜିର ରାଶିଫଳ

| ତାରିଖ | ବୁଧବାର- ତ୍ରୟୋଦଶୀ |
|---|---|
| ୩.୧୨.୨୦୨୫ | ନକ୍ଷତ୍ର- ଦ୍ୱିଜା, ମେଷଚନ୍ଦ୍ର |

| | |
|---|---|
| ମେଷ | : ଅର୍ଥଲାଭ ପରେ କର୍ମେ ବାଧା। |
| ବୃଷ | : ସ୍ୱାସ୍ଥ୍ୟହାନି ଓ ବକେୟା ଅର୍ଥ ଲାଭବ । |
| ମିଥୁନ | : ବନ୍ଧୁ ଦର୍ଶନ ହେବ, ବ୍ୟୟ ବୃଦ୍ଧି ହେବ । |
| କର୍କଟ | : ଅର୍ଥଲାଭରେ ଖୁସି ହେବେ । |
| ସିଂହ | : ମନସ୍ତାପରେ ରହିବେ । |
| କନ୍ୟା | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି । |
| ତୁଳା | : ବ୍ୟବସାୟରେ ଲାଭବାନ ହେବେ । |
| ବିଛା | : କର୍ମ ସଂସ୍ଥାରେ ଖୁସି ହେବେ । |
| ଧନୁ | : ବକେୟା ପଡ଼ିଥିବା ଅର୍ଥ ମିଳିବ । |
| ମକର | : ଗୁରୁଜନଙ୍କ କଥାକୁ ନେଇ ମନସ୍ତାପ କରିବେ । |
| କୁମ୍ଭ | : ଅର୍ଥଲାଭ ଯୋଗ ରହିଛି । |
| ମୀନ | : ବ୍ୟବସାୟରେ ଆୟ ବୃଦ୍ଧି ହେବ । |

## ଧାନ ଫସଲ ନଷ୍ଟ ହେବା ଆଶଙ୍କା

ବୁଗଡ଼ା, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ପୂର୍ବରୁ ପ୍ରକାଶିତ ପାଣିପାଗ ବିଭାଗର ସୂଚନା ମୁତାବକ ବୁଗୁଡ଼ା ଅଞ୍ଚଳରେ ସୋମବାର ସକାଳୁ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି । ରବିବାର ଦିନଠାରୁ ପାଗ ମେଘୁଆ ରହିଥିବା ବେଳେ ସୋମବାର ଦିନ ଝିପିପିଟି ବର୍ଷାରେ ଧାନ ଓ ପରିବା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଦିନ ସାରା ଲଗାଣ ଝିପିଝିପି ବର୍ଷା ଫଳରେ ଅନେକ ଚାଷ ଜମିରେ କଟା ଧାନ ସବୁ ଓଦା ହୋଇଯାଇଥିବା ମଧ୍ୟ ଦେଖିବାକୁ ମିଳିଛି । ଚଳିତ ବର୍ଷ ବର୍ଷାର ଅଭାବରୁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା । ତଥାପି ବାଘୁଆ ଜଳଭଣ୍ଡାରରୁ ଜଳ ଯୋଗାଣ ସାଙ୍ଗକୁ ଆବଶ୍ୟକ ବେଳେ ବର୍ଷା ହୋଇଥିବାରୁ ଚଳିତ ବର୍ଷ ଭଲ ଫସଲ ହୋଇଥିଲା । ଏବେ କେତେକ ଚାଷୀ ଧାନ ଫସଲ କାଟି ଖଳାରେ ଜମାକରି ରଖିଛନ୍ତି ଏବଂ ଅନେକ ଚାଷୀ ଧାନକୁ କାଟି ଜମିରେ ରଖିଥିବା ବେଳେ ଏଇ ଝିପିଝିପି ବର୍ଷା ଯୋଗୁଁ ତାହା ଓଦା ହୋଇଯାଇଛି । ଏହି ବର୍ଷାର ପ୍ରଭାବରେ ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ହଜାର ହଜାର ହେକ୍ଟର ଜମିରେ ହୋଇଥିବା ଧାନ ଓ ପରିବା ଫସଲ ନଷ୍ଟ ହେବାର ଆଶଙ୍କା ଯୋଗୁଁ ଚାଷୀ ଚିନ୍ତାରେ ପଡିଥିବା ଜଣାଯାଇଛି ଛ ଅନ୍ୟପକ୍ଷରେ ଦିନସାରା ମେଘୁଆ ପାଗ ସହ ଝିପିଝିପି ବର୍ଷା ହେତୁ ସାଧାରଣ ଜୀବନଯାତ୍ରା ମଧ୍ୟ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି ।



## ଶତ୍ରୁସୋଲରେ ଭଙ୍ଗାଗଲା ବେଆଇନ ଇଟାଭାଟି

ବୁଗୁଡ଼ା, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ତହସିଲ ପକ୍ଷରୁ ଶତ୍ରୁସୋଲ ଗ୍ରାମରେ ବେଆଇନ ଭାବେ ପୋଡାଯାଇଥିବା ଏକ ଇଟା ଭାଟିକୁ ସୋମବାର ଦିନ ଜେସିବି ଲଗାଇ ଭଙ୍ଗାଯାଇଛି । ଶତ୍ରୁସୋଲ ଗ୍ରାମରେ ବେଆଇନ ଭାବେ ଇଟା ଭାଟି ପୋଡା ଯାଇଥିବା ଖବର ବୁଗୁଡା ତହସିଲଦାର ତାପସ ରାଉତ ଜାଣିବା ପରେ ସୁପ୍ରଭାଇଜର, ରାଜସ୍ୱ ନିରୀକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀ ସହ ଘଟଣାସ୍ଥଳକୁ ଯାଇ ବେଆଇନ ଭାବେ ପୋଡାଯାଇଥିବା ଇଟାଭାଟିକୁ ଜେସିବି ଦ୍ୱାରା ଭାଙ୍ଗି ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦିଆଯାଇଛି ।

# ବଣୁଆ ମାଙ୍କଡ଼ ଓ ବୁଲା ଷଣ୍ଢ ଚାଷୀଙ୍କ ପାଇଁ କାଳ

ମାହାଙ୍ଗା, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍



ଧୀରେ ଧୀରେ ଗ୍ରାମ୍ୟଜଙ୍ଗଲରେ ଜଙ୍ଗଲ ହ୍ରାସ ପାଇ ଆସୁଥିବାବେଳେ ବନ୍ୟପ୍ରାଣୀ ଏବେ ଗାଁ ମୁହାଁ ହେଲେଣି । ସରକାରଙ୍କ ଅଣଦେଖାରୁ ଗାଁ ଗହଳିରେ ଥିବା ଗୋଚର ଜମିରୁ ବଣବୁଦା ଧୀରେ ଧୀରେ ଲୋପ ପାଇଗଲାଣି । ଲୋକମାନେ ଗୋଚର ସରକାର ଜମିକୁ ଜବରଦଖଲକାରୀ କେଉଁଠାରେ ଚାଷ କଲେଣି ତ, କେଉଁଠି ଗୃହ ନିର୍ମାଣ କଲେଣି । ଯାହା ଫଳରେ ବନ୍ୟଜନ୍ତୁଙ୍କ ବାସସ୍ଥାନ ପାଇଁ ଆଉ ସ୍ଥାନ ନାହିଁ । ବଣବୁଦା ଲୋପ ପାଇବାରୁ ବଣୁଆ ମାଙ୍କଡମାନେ ଖାଦ୍ୟ ଅନୁଷଣରେ ଗାଁ ଗହଳିରେ ପଶି ପନିପରିବା ଖାଇ ଫସଲ ନଷ୍ଟ କରୁଛନ୍ତି । ଯେଉଁଥି ପାଇଁ ପରିବା ଚାଷୀ ଅର୍ଥ ଖର୍ଚ୍ଚ କରି ଚାଷ କଲେ ବି କ୍ଷତିରେ ପଡୁଛନ୍ତି । ବର୍ତ୍ତମାନ ଚାଷୀ ପାଣି ମଡାଇ ମୁଗ,ବିରି ଫସଲ କରିଥିଲେ ମଧ୍ୟ ଗଛ ଦୁଇପତ୍ର ହେବା ବେଳକୁ ମାଙ୍କଡ ମାନେ ଦଳ ବାନ୍ଧି ମୁଗ ଓ ବିରି ଗଛକୁ ଉପାଡି ଖାଇବା ସହ ନଷ୍ଟ କରିଦେଉଛନ୍ତି । ମାହାଙ୍ଗ ଏକ କୃଷି ପ୍ରଦାନ ଅଂଚଳ ଭାବେ ବେଶ ପରିଚିତ ଥିବାବେଳେ ପରିବା ଚାଷ କଖାରୁ, ବାଇଗଣ, ବିଲାତି, ଭେଣ୍ଡି, ବିମ, ଝୁଡଙ୍ଗ ଆଦି ବିଭିନ୍ନ ଫସଲ ଗୁଡିକୁ ଖାଇ ନଷ୍ଟ କରୁଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଜଙ୍ଗଲ ବିଭାଗ ଏହି ବଣୁଆ ମାଙ୍ଗଡଙ୍କ ଉତ୍ପାତ କମାଇବା ପାଇଁ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଏବେ ଏପରି ଏହି ବଣୁଆ ମାଙ୍ଗଡମାନଙ୍କ ଉତ୍ପାତ ବଢିଯାଇଛି ଯେ ସେମାନେ ଦଳ ଦଳ ହୋଇ ରାସ୍ତଘାଟରେ ନିର୍ଭୟରେ ବୁଲିବା ସହ ପଥଚାରୀମାନଙ୍କୁ ଆକ୍ରମଣ କରି ରକ୍ତାକ୍ତ କରୁଥିବା ଦେଖିବାକୁ ମିଳିଛି । ପ୍ରତିଦିନ ଗାଁ ଗହଳିରେ କେଉଁଠି ନା କେଉଁଠି ସାଧରଣ ଲୋକଙ୍କୁ ଏହି ବଣୁଆମାଙ୍କଡ କାମୁଡିଛନ୍ତି । ବେଳ ଥାଉ ଥାଉ ଯଦି ବଣୁଆ ମାଙ୍କଡମାନଙ୍କୁ ଗାଁ ଗହଳିରୁ ଘଉଡା ନ ଯାଏ ତେବେ ଆଗାମୀ ଦିନରେ ଏମାନେ ଉଭୟ ମଣିଷ ଓ ଚାଷୀଙ୍କ ମହଙ୍ଗା ସାବ୍ୟସ୍ତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସେହିପରି ବୁଲା ଷଣ୍ଢ ଗୁଡିକ ପନିପରିବା ସହ ଧାନ କ୍ଷେତ ନଷ୍ଟ କରୁଥିବା ଦେଖିବାକୁ ମିଳିଛୁ । ଯାହା ଫଳରେ ଉଭୟ ବଣୁଆ ମାଙ୍କଡ ଓ ବୁଲା ଷଣ୍ଢ ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଏବେ ଟ୍ରାକ୍ଟର ଓ ପାୱାର ଟିଲରରେ ଚାଷୀମାନେ ଚାଷ କାର୍ଯ୍ୟ କରୁଥିବାରୁ ଗୋପାଳକ ମାନେ ନିଜ ନିଜର ଅଣ୍ଡିରା ବାଛୁରୀକୁ ଷଣ୍ଢ କରି ଛାଡି ଦେଉଥିବାରୁ ଏବେ ମାହାଙ୍ଗା ବ୍ଲକ ଅଞ୍ଚଳରେ ଷଣ୍ଢ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ଚାଷୀଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଫସଲ ଯଥା-ଧାନ, ମୁଗ, ବିରି, କୋଳଥ ଆଦି ପନିପରିବାକୁ ଖାଇବା ସହ ଚଢି ଦଳି ଚକଟି ନଷ୍ଟ କରୁଛନ୍ତି । ଯାହା ଦ୍ୱାରା ଚାଷୀମାନେ ଲକ୍ଷ ଲକ୍ଷ ଟଙ୍କା ଋଣ କରି କ୍ଷତିରେ ପଡୁଛନ୍ତି । ତେଣୁ ତୁରନ୍ତ ସରକାର ଏହି ବଣୁଆ ମାଙ୍କଡମାନଙ୍କ ବଂଶ ବୃଦ୍ଧି ଉପରେ ପଦକ୍ଷେପ ନେବା ସହ ଷଣ୍ଢମାନଙ୍କ ପାଇଁ ଗୋଶାଳାରେ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି ।

## ଡିଭାଇଡରରେ ପିଟି ହୋଇ ଜଣେ ମୃତ

ଛତ୍ରପୁର, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ଛତ୍ରପୁର ଜାତୀୟ ରାଜପଥ କଲେଜ ଛକ ନିକଟରେ ବାଇକ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ, ଅନ୍ୟ ଜଣେ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଞ୍ଚଳର ଧର୍ମେନ୍ଦ୍ର କର । ଆହତ ଜଣକ ହେଲେ ସନ୍ଦୀପ ଦାସ । ଏହି ଦୁଇ ଜଣ ଏକ ବାଇକ ଯୋଗେ ବେଙ୍ଗଲୋରରୁ ନିଜ ଘରକୁ ଫେରୁଥିବା ବେଳେ ଛତ୍ରପୁର ଜାତୀୟ ରାଜପଥ କଲେଜ ଛକ ନିକଟରେ ଏକ ଡିଭାଇଡରକୁ ପିଟି ଦେଇଥିଲେ । ତୁରନ୍ତ ସ୍ଥାନୀୟ ଲୋକ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ଉଭୟଙ୍କୁ ନେଇଥିଲେ । ସେଠାରେ ଧର୍ମେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଓ ଆହତଙ୍କ ଅବସ୍ଥା ଗୁରୁତର ରହିଥିବା କହିଛନ୍ତି । ଘଟଣାସ୍ଥଳରେ ଛତ୍ରପୁର ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

# ଶବଦାହକୁ ନେଇ ଚିନ୍ତାରେ ପୁରୁଷୋତ୍ତମପୁରବାସୀ

ପୁରୁଷୋତ୍ତମପୁର, ୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍




ଗଞ୍ଜାମ ଜଲ୍ଲା ପୁରୁଷୋତ୍ତମପୁର ସହରରେ ଶବଦାହ କରିବା ସମସ୍ୟା ଲୋକଙ୍କ ଲାଗି ଚିନ୍ତାର ବଡ କାରଣ ପାଲଟିଛି । ଏଥିଲାଗି ଏନଏସି ପ୍ରଶାସନ, ଅଧକ୍ଷ କି ସାଂସଦ, ବିଧାୟକ ଓ ଜନପ୍ରତିନିଧିମାନେ କେହି ମଧ୍ୟ ଗୁରୁତ୍ୱ ଦେଉ ନାହାନ୍ତି । ଏହା ସ୍ଥାନୀୟ ଅଞ୍ଚଳରେ ଉଦବେଗର ବିଷୟ ପାଲଟିଛି ।

୧୪ଟି ୱାର୍ଡ ବିଶିଷ୍ଟ ଏହି ଏନଏସିର ଆରମ୍ଭ ଓ ଶେଷ କନକା ଓ କୁମାରୀ ମୌଜାରେ ଶବଦାହ ଗୃହ ରହିଥିବାବେଳେ ପୁରଷୋତ୍ତମପୁର ମୌଜାର ସହର ମଧ୍ୟଭାଗରେ ରହିଥିବା ୱାର୍ଡ ନଂ ୭, ୮, ୯, ୧୦, ୧୧ର ବାସିନ୍ଦାଙ୍କ ଲାଗି ଶବଦାହ ଓ ମୃତ ବ୍ୟକ୍ତିଙ୍କ ଶୁଦ୍ଧିକାର୍ଯ୍ୟ ଲାଗି କ୍ରିୟା ଗୁଡ଼ିଏ ମଧ୍ୟ ନାହିଁ । ଏହି ୪ଟି ୱାର୍ଡର ଲୋକେ ବିଶେଷ ଭାବରେ ପ୍ରଭାବିତ ହେଉଛନ୍ତି । ଶବକୁ କାନ୍ଧେଇ କାନ୍ଧେଇ ବହୁଦୂରତା ବିଶିଷ୍ଟ କନକା ଓ କୁମାରୀ ମୌଜା ଶ୍ମଶାନଘାଟକୁ ନେବାରେ ଦହଗଞ୍ଜ ହୋଇପଡୁଛନ୍ତି । କପିଳେଶ୍ୱର ମନ୍ଦିର ସାମ୍ନା ତୋରାବଣ ପାଶର୍ବ ଋଷିକୁଲ୍ୟା ନଦୀପଠାରେ ଗତ କିଛିବର୍ଷ ତଳେ ନିର୍ମାଣ କରାଯାଇଥିବା ଶବଦାହ ଗୃହକୁ କିଛି ବ୍ୟକ୍ତି ବେଆଇନ ଭାବରେ କବଜା କରିନେଇ ତାହା ନିକଟରେ ଗୃହ ନିର୍ମାଣ କରିଥିବା ହେତୁ ଏଭଳି ଅଭାବନୀୟ ପରିସ୍ଥିତି ଉପୁଜିଛି । ଏଥିପ୍ରତି ମୁଖ୍ୟ ଏନଏସି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ପ୍ରଶାସନ ସମ୍ପୂର୍ଣ୍ଣ ଉଦାସୀନତା ସାଜି ବସି ରହିଛି । ଶବଦାହ ଲାଗି କେବଳ ଋଷିକୁଲ୍ୟା ନଦୀ ହିଁ ଲୋକଙ୍କ ଭରସା ପାଲଟିଥିବା ବେଳେ ବର୍ଷା ହେବା ଓ ନଦୀରେ ପାଣିଆସିଲେ ଶବଟିଏ ଦାହ କରିବା, ଶୁଦ୍ଧିକାର୍ଯ୍ୟ କରିବା ଓ ମୃତବ୍ୟକ୍ତିଙ୍କ ଅସ୍ଥିମାନ ରଖିବାରେ ଅସୁବିଧା ହେଉଛି। ଏଣୁ ଏଥିପ୍ରତି ସରକାର ଓ ଗଞ୍ଜାମ ଜିଲାପାଳ ଦୃଷ୍ଟି ଦେଇ ଶ୍ମଶାନ ଗୃହ ଓ କ୍ରିୟାଗୁଠ ଗୃହ ନିର୍ମାଣ ଲାଗି ଜନସାଧାରଣ ଦାବି କରିଛନ୍ତି ।

## ଡାକ୍ତରଖାନାରେ ଅଜବ ଘଟଣା
## ପାର୍ବତୀ ସିଂ ଜାଗାରେ ରକ୍ତ ନେଲେ ପାର୍ବତୀ ବିନ୍ଧାଣୀ

ଉଦଳା, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଉଦଳା ଉପଖଣ୍ଡ ଡାକ୍ତରଖାନାରେ ଆଜି ଚିକିତ୍ସାରେ ଚରମ ବିଭ୍ରାଟ ହୋଇଥିବା ଅଭିଯୋଗ ହୋଇଛି । ରକ୍ତ ଆବଶ୍ୟକ ଥିବା ରୋଗୀ ବଦଳରେ ଅନ୍ୟ ଜଣଙ୍କୁ ରକ୍ତ ଦିଆଯିବା ଘଟଣାରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା । ମିଳିଥିବା ଖବର ଅନୁସାରେ ଉଦଳା ୱାର୍ଡର ୧ ନମ୍ବର ବେଡରେ ପାର୍ବତୀ ସିଂ ନାମ୍ନୀ ମହିଳାଙ୍କ ରକ୍ତ ଆବଶ୍ୟକ ଥିବାବେଳେ ସ୍ୱାସ୍ଥ୍ୟକର୍ମୀ ୨୧ ନମ୍ବର ବେଡରେ ଥିବା କୋଚିଲା ଡିହା ଗ୍ରାମର ପାର୍ବତୀ ବିନ୍ଧାଣୀ ନାମ୍ନୀ ମହିଳା ରୋଗୀଙ୍କୁ ରକ୍ତ ଲଗାଇ ଦେଇଥିଲେ । ତେବେ ୨୬ ବର୍ଷୀୟା ପାର୍ବତୀ ହଠାତ ବୁଝିପାରି ନ ଥିଲେ । ତାଙ୍କ ରକ୍ତ ପାଇଁ କୌଣସି ଡାକ୍ତର ପରାମର୍ଶ କରି ନ ଥିଲେ । ୧୦ ମିନିଟ ପରେ ସେ ଅଣନିଃଶ୍ୱାସୀ ହୋଇପଡ଼ିବାରୁ ତାଙ୍କର ମାଆ ସ୍ୱାସ୍ଥ୍ୟକର୍ମୀଙ୍କୁ ଡାକିଥିଲେ । ସେତେବେଳେ ଜଣା ପଡ଼ିଥିଲା ଭୁଲ୍‌ରେ ରକ୍ତ ଦିଆଯାଇଛି । ତେବେ ଘଟଣା ଜାଣିବା ପରେ ଡାକ୍ତରୀଦଳ ଆସି ରୋଗୀର ଅବସ୍ଥା ଯାଞ୍ଚ କରି ସ୍ୱାଭାବିକ କରିଥିଲେ । ତେବେ ଏଭଳି ଭୁଲ୍ ନେଇ ସମ୍ପର୍କୀୟମାନେ ପାଟିତୁଣ୍ଡ କରିଥିଲେ ।

# ପଞ୍ଚାୟତ ପ୍ରତିନିଧିଙ୍କ ଅହୋରାତ୍ର ଧାରଣା

ନିଆଳି, ୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍




ନିଆଳି ବ୍ଲକ ପ୍ରଶାସନର ପଞ୍ଚାୟତ ପ୍ରତିନିଧିମାନଙ୍କୁ ଉପେକ୍ଷା ଓ ଉନ୍ନୟନମୂଳକ କାର୍ଯ୍ୟରେ ଶୀତଳତା ଆଦି ବିରୋଧରେ ୬ ଦଫା ଦାବି ନେଇ ଜନ ପ୍ରତିନିଧିମାନଙ୍କର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆହୋରାତ୍ର ଧାରଣା ନିଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗାନ୍ଧିଜୀଙ୍କ ଫୋଟୋ ରଖି ସୋମବାର ସକାଳ ୧୦ ଘଟିକା ସମୟରୁ ଧାରଣା ଆରମ୍ଭ ହୋଇଛି । ନିଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଜନପ୍ରତିନିଧିମାନେ ଧାରଣାରେ ସାମିଲ ହୋଇଛନ୍ତି । ବ୍ଲକ ପ୍ରଶାସନ ଜିପିଡିପିରେ ଥିବା ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟ କରିବାରେ ଅସହଯୋଗ କରିବା ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡିକ ସଭ୍ୟ ସଭ୍ୟାମାନଙ୍କ ତଦାରଖରେ କରାଯିବାକୁ ସମିତି ବୈଠକରେ ନିଷ୍ପତି ନିଆଯାଇ ଥିଲେ ସୁଧା ବିଭାଗୀୟ ଯନ୍ତ୍ରୀମାନେ ଅଟକଳ ଫର୍ଦ୍ଦ ଦେଉନାହାନ୍ତି । ଯାହାଫଳରେ କାର୍ଯ୍ୟାଦେଶ କରିବା ସମ୍ଭବ ହେଉନାହିଁ । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବ କାର୍ଡ ଧାରୀମାନଙ୍କୁ କାର୍ଯ୍ୟ ଯୋଗାଇଦେବା ପାଇଁ ସରକାରଙ୍କ ବିଧି ବ୍ୟବସ୍ଥା ଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ମନ ମୁଖୀ କାର୍ଯ୍ୟନିର୍ବାଚିତ ପ୍ରତିନିଧିମାନଙ୍କ ପ୍ରତି ଆଶାଳିନ ବ୍ୟବହାର ସହିତ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତାରେ ଅସହଯୋଗ ପଞ୍ଚାୟତ ସମିତିର ମୁଖ୍ୟ ଅଧକ୍ଷ ହୋଇଥିଲେ ମଧ ତାହାର ସୂଚନା ପ୍ରଦାନ କରାଯାଉନାହିଁ । ସ୍ୱଚ୍ଛ ଭାରତ ମିଶନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକ ସମ୍ବନ୍ଧରେ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅବଗତ କରାଯାଉନାହିଁ । ନିଆଳି ବ୍ଲକରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ବଦଳି ଦାବିରେ ଧାରଣା ଚାଲୁ ରହିଛି । ଏହି ଧାରଣାରେ ଉପାଧ୍ୟକ୍ଷ ସ୍ୱର୍ଣ୍ଣପ୍ରଭା ରାଉତ, ଏକ ବରୁଆ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ରାଣୀଓଳା ସରପଞ୍ଚ ତ୍ରିନାଥ ମହନ୍ତି, ରାଣୀଓଳା ସରପଞ୍ଚ ତ୍ରିନାଥ ମହାନ୍ତି, ତିହୁଡି ସରପଞ୍ଚ ଅଶ୍ୱିନୀ କୁମାର ମହାନ୍ତି, ବାହାରଣା ସରପଞ୍ଚ ବିଜୟ ରାମ ପଣ୍ଡା, ଏରଞ୍ଚ ସରପଞ୍ଚ ନିରଞ୍ଜନ ବେହେରା, ବିଳାଶୁଣି ସରପଞ୍ଚ ସବିତା ନନ୍ଦ, ପହଂଗା ସରପଞ୍ଚ ନମିତା ବାରିକ, ନିଆଳି ସରପଞ୍ଚ ବବିତା ରାଣୀ ବେହେରା, କସର୍ଦା ସରପଞ୍ଚ ସୁରେଶ ପଟନାୟକ, ସମିତି ସଭ୍ୟ ଅବିନାଶ ପ୍ରଧାନ, କଲ୍ୟାଣୀ ବଡୁ, ସମ୍ପଦ ମହାନ୍ତି, ସମିତି ସଭ୍ୟା ଗାୟତ୍ରୀ ବେହେରା, ମିତାରାଣୀ ବାରିକ, ଏଲିନା ବେଥ ସାହୁ, ଶଗଡ଼ାଇଲୋ ସରପଞ୍ଚ ଉପସ୍ଥିତ ରହିଥିଲେ । ଧାରଣା ସ୍ଥଳରେ ପୂର୍ବତନ ବ୍ଲକ ଅଧକ୍ଷ ନ୍ୟାୟବ୍ରତ ରାଉତ, ଶିକ୍ଷକ ପ୍ରଦୀପ୍ ଦାସ ଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ ।

## ହତ୍ୟା ଅଭିଯୁକ୍ତକୁ ୫ବର୍ଷ ଜେଲ୍

ଢେଙ୍କାନାଳ, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ଥାନା ଷଡ଼ଙ୍ଗୀ ଅଞ୍ଚଳରେ ଗତ ୯.୨.୨୦୨୨ ରିଖରେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାଟିକୁ ବିଚାରକରି ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଜଜ ତଥା ଭିଜିଲାନ୍ସ ସ୍ପେଶାଲ ଜଜ ଶ୍ରୀମତୀ ପ୍ରଣତି ସାହା ଆସାମୀ ଦାଶରଥି ବେହେରାଙ୍କୁ ୩୦୪ଦଫାରେ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ପାଞ୍ଚ ହଜାର ଜରିମାନା ପାଇଁ ରାୟରେ ଉଲେଖ କରିଛନ୍ତି ।

ସୂଚନା ଅନୁଯାୟୀ ଗନ୍ଦିଆ ଥାନା ଅଞ୍ଚଳର ଉଦ୍ଧବ ପାତ୍ର ଗାଁକୁ ଗାଁ ବୁଲି ବ୍ୟବସାୟ କରେ. ୯.୧୨.୨୨ତାରିଖରେ ଉଦ୍ଧବ ବ୍ୟବସାୟ ନିମନ୍ତେ ଷଡ଼ଙ୍ଗୀ ଅଞ୍ଚଳକୁ ଯାଇଥିବା ବେଳେ ମନ୍ଦାର ଚୈତନ୍ୟ ମଠର ବାବା ଦାଶରଥି ବେହେରା କୌଣସି କାରଣରୁ ଉତ୍ୟକ୍ତ ହୋଇ ଉଦ୍ଧବକୁ ନିଜର କମଣ୍ଡଳୁ ସାହାଯ୍ୟରେ ଆକ୍ରମଣ କରିଥିଲେ ପରେ ଏକ ଫୁଙ୍କନଳା ସାହାଯ୍ୟରେ ଉଦ୍ଧବକୁ ପିଟିପିଟି ହତ୍ୟା କରିଥିଲେ । ଏ ନେଇ ମୃତକଙ୍କ ପିତା ଗନ୍ଦିଆ ଥାନାରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୋଲିସ ୪୦/୨୦୨୨ରେ ଦଫା ୩୦୨ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାଟିକୁ ବିଚାର ପତି ଶ୍ରୀମତୀ ସାହା ସିଟିନଂ ୪୦ ଦଫା ୩୦୨ରେ ଶୁଣାଣି କରି ୨୦ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଏହି ରାୟ ପ୍ରକାଶ କରିଛନ୍ତି । ଏହି ମାମଲାଟିକୁ ଢେଙ୍କାନାଳ ଡେପୁଟି ଡ଼ାଇରେକ୍ଟର ପ୍ରଶିକ୍ୟୁସନ ଗଣେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରଶିକ୍ୟୁଟର ବିମଳେନ୍ଦୁ ମହାପାତ୍ର, ଅକ୍ଷୟ କୁମାର ଭୋଇ, ଗଣେଶ୍ୱର ସାହୁ ପରିଚାଳନା କରିଥିଲେ ।

## ଯୁବକଙ୍କୁ ଦଳିଦେଲା ହାତୀ

ତେଲକୋଇ, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ତେଲକୋଇ ବନାଞ୍ଚଳ ରୁଗୁଡିମୁଣ୍ଡା ସାହିରେ ହାତୀ ଆକ୍ରମଣ ହୋଇଛି । ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଚାଷ ଜମିରେ ହାତୀପଲଙ୍କୁ ଘଉଡାଇବା ବେଳେ ଆକ୍ରମଣର ଶିକାର ହୋଇଥିଲେ ଯୁବକ । ଅନ୍ୟ ଜଣେ ଗୁରୁତର ଯୁବକ କେନ୍ଦୁଝର ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି । ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

# ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପ୍ରଧାନମନ୍ତ୍ରୀ ସଡ଼କ ପାଲଟିଛି ମରଣଯନ୍ତା

ବୈଶିଙ୍ଗା, ୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍




ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ । ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି । ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନଂ ଜାତୀୟ ରାଜପଥର ଜରକା ଠାରୁ ବୈଦିପୁର୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନବାହାନ ଚଳାଚଳରେ ବାଧା ଉପୁଜିଛି । ଏହି ରାସ୍ତାର ୭.୩୭୦ କିମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮. ୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ କରାଯାଇ ତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏଂ ବିଧାୟକ ସନାତନ ବିଜୁଳିଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେବାର ଚୁକ୍ତି ରହିଛି । ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧାସଳଖ ବିଭାଗର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ । ଏହି ରାସ୍ତା ମରାମତି ହେବା ଠାରୁ ରକ୍ଷଣା ବେକ୍ଷଣର ଅବଧି ଶେଷ ହେଉଥିବା ବେଳେ ବଡ଼ସାହି ବିଧାୟକ ତାଙ୍କର ୫ ବର୍ଷ ଅବଧି ଶେଷ କରି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ ମଧ ଏହି ଅଞ୍ଚଳ ଗସ୍ତ କରି ନାହାନ୍ତି କି ଏହି ରାସ୍ତାର ଅବସ୍ଥା ଦେଖି ନାହାନ୍ତି । ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣରେଖା କେନାଲ ଯାଉ ଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେବାକୁ ଥିବାରୁ ଏଥିପାଇଁ ଲୋକଙ୍କ ନିମନ୍ତେ ଓ ଯାନ ବାହାନ ଚଳାଚଳର ସୁବ୍ୟବସ୍ଥା ନିମନ୍ତେ କେନାଲ ବିଭାଗ ମଧ ଯତ୍ନବାନ ହେବା ଜରୁରୀ ଅଟେ । ଏତଦ ବ୍ୟତିତ ଏହି ରାସ୍ତା ଜାରକାରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତ୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁ ଜରୁରିକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି ବିଭାଗୀୟ ଅଧିକାରୀଙ୍କ ନଜର ପଡୁ ନାହିଁ କି ରାଜନେତାଙ୍କ ଦୃଷ୍ଟି ମଧ ନପଡିବାରୁ ୫ଟି ପଞ୍ଚାୟତର ୫୦୦୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଓ ଏହି ରାସ୍ତା ଦେଇ ଚଳାଚଳ କରୁଥିବା ଯାତ୍ରୀବାହୀ ବସ ମଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏତଦ ବ୍ୟତିତ ସାଇକେଲ ଯୋଗେ ଯିବା ଆସିବା କରୁଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନେ ଦୁର୍ଘଟଣା ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଯଥା ଶୀଘ୍ର ମରାମତି କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି ।

## ବିଷ ପିଇ ଯୁବତୀଙ୍କ ମୃତ୍ୟୁ

ଗଞ୍ଜାମ, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ବୁଗୁଡ଼ା ଥାନା ଅନ୍ତର୍ଗତ ଚଢେୟାପଲ୍ଲୀ ଗାଁର ଜନୈକା ଯୁବତୀ ବିଷ ପିଇ ମୃତ୍ୟୁବରଣ କରିଥିବା ଜଣାଯାଇଛି । ମୃତା ଯୁବତୀ ଜଣକ ହେଲେ କାଳିଆ ପ୍ରଧାନଙ୍କ ଝିଅ ମାମି ପ୍ରଧାନ (୨୬) । ଏ ନେଇ କେସ୍ ନଂ ୨୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ପାରିବାରିକ ଅଶାନ୍ତି କାରଣରୁ ଗତ ରବିବାର ରାତିରେ ମାମି ଚାଉଳ ପୋକ ମାରିବା ପାଇଁ ବ୍ୟବହୃତ ବିଷ ଖାଇ ଦେଇଥିଲେ । ତାଙ୍କର ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଚିକିସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି ।

